ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.248, Bhubaneswar Wednesday, November 13, 2019 | ୨୨ତମ ବର୍ଷ ସଂଖ୍ୟା-୨୪୮ ଭୁବନେଶ୍ୱର ବୁଧବାର, ନଭେମ୍ବର ୧୩, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS








ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଉଦ୍‌ଘାଟିତ। ପ୍ରେମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନି ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀ, ପୂର୍ବତନ ସମ୍ପାଦକ ଭୂପତି ଭୂଷଣ ପ୍ରଧାନ ତଥା ଦୈନିକ 'ପର୍ଯ୍ୟବେକ୍ଷକ' ଓ 'ଦି କଳିଙ୍ଗ କ୍ରୋନିକିଲ'ର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

## ଆଜିଠୁ ବିଧାନସଭା

ଭୁବନେଶ୍ୱର, ୧୨।୧୧(ପି.ଏନ): ଆସନ୍ତାକାଲିଠାରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ପ୍ରଥମଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିବଂଗତ ସଦସ୍ୟ ଏବଂ ଶହୀଦଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିବେ। ପୂର୍ବତନ ବିଧାୟକ ସାହୁରା ମଲ୍ଲିକ , ଉଦିତ୍ ପ୍ରତାପ ଦେଓ ଓ ବୃନ୍ଦାବନ ପାତ୍ର ଏବଂ ଓଏପିଏଫ୍ ଯବାନ୍ ଜୟରାମ କବାସିଙ୍କ ଉଦ୍ଦେଶ୍ୟରେ ଏହି ଶୋକପ୍ରସ୍ତାବ ଆଗତ ହେବାପରେ ଆଲୋଚନା ହୋଇ ପାରିତ ହେବ। ଏହାସହ ରାଜ୍ୟ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ଅପରାହ୍ଣରେ ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ମଧ୍ୟ ଆଗତ ହେବ। ଏହା ଉପରେ ୩ ଦିନ ଧରି ଆଲୋଚନା କରାଯିବ। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ସମସ୍ୟା ଓ ଅନିୟମିତତାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହେଉଛନ୍ତି ବିରୋଧୀ। ବହୁ ଚର୍ଚ୍ଚିତ ସ୍ମିତାରଣୀ ମୃତ୍ୟୁ, କେନ୍ଦ୍ରାପଡ଼ା ସମବାୟ ସମିତି ସଭାପତିଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ, ଫନି ସହାୟତା ଓ ଆବାସ ଯୋଜନାରେ ଅନିୟମିତତାକୁ ବିଜେପି ପ୍ରସଙ୍ଗ କରି ରାଜ୍ୟ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିବ । ସେହିପରି କଂଗ୍ରେସ ରାଜ୍ୟ ସରକାରଙ୍କ ମୋ ସରକାର ଓ ୫-ଟି କାର୍ଯ୍ୟକ୍ରମକୁ ପ୍ରସଙ୍ଗ କରିବ।

## ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ : ସୁପ୍ରିମ୍ କୋର୍ଟ ଗଲା ଶିବସେନା

ନୂଆଦିଲ୍ଲୀ ,୧୨।୧୧(ପି.ଏନ): ବହୁ ସସପେନ୍ସ ପରେ ମହାରାଷ୍ଟ୍ରରେ ଜାରି ହୋଇଛି ରାଷ୍ଟ୍ରପତି ଶାସନ। ରାଜ୍ୟପାଳ ଭଗତ ସିଂହ କୋଶିଆରିଙ୍କ ରିପୋର୍ଟ ଆଧାରରେ କେନ୍ଦ୍ର କ୍ୟାବିନେଟ ଏହି ସୁପାରିଶ କରିଥିଲେ। ଏହାକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗ୍ରହଣ କରିଛନ୍ତି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କ୍ୟାବିନେଟ୍ ବୈଠକ ବସିଥିଲା। ଏହି ବୈଠକରେ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ନିଷ୍ପତ୍ତି ହେବାପରେ ରାଷ୍ଟ୍ରପତିଙ୍କ ମଂଜୁରୀ ପାଇଁ ସୁପାରିଶ କରାଯାଇଥିଲା। ଅପରପକ୍ଷରେ ରାଜ୍ୟପାଳଙ୍କ ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି ଶିବସେନା । ଏ ସଂପର୍କରେ ଶିବସେନା ମୁଖ୍ୟ ଉଦ୍ଧବ ଠାକରେ କଂଗ୍ରେସ ନେତା ତଥା ବରିଷ୍ଠ ଓକିଲ କପିଲ ସିବଲଙ୍କ ସହ କଥାବାର୍ତ୍ତା କରିବା ପରେ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ସରକାର ଗଠନ ପାଇଁ ଶିବସେନା ସମୟ ମାଗିଥିଲା। କିନ୍ତୁ ସେମାନଙ୍କୁ ଯଥେଷ୍ଟ ସମୟ ଦିଆଯାଇନଥିବା ଶିବସେନା ଅଭିଯୋଗ କରିଛି। ଉଲ୍ଲେଖଯୋଗ୍ୟ ଯେ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ଶେଷ ହେବାର ୧୯ ଦିନ ପରେ ବି ସରକାର ଗଢ଼ିବା ନେଇ ଚିତ୍ର ଅସ୍ପଷ୍ଟ ରହିଛି। ବିଜେପି ଓ ଶିବସେନା ସରକାର ଗଢ଼ିପାରିନଥିବା ବେଳେ ଏନସିପିକୁ ସରକାର ଗଢ଼ିବା ପାଇଁ ରାଜ୍ୟପାଳ ଭଗତ ସିଂହ କୋଶିଆରି ପ୍ରସ୍ତାବ ଦେଇଥିଲେ। ମଙ୍ଗଳବାର ରାତି ୮ଟା ୩୦ ସୁଦ୍ଧା ଏନସିପି ସରକାର ଗଢ଼ିବ କି ନାହିଁ ନିଜର ଆଭିମୁଖ୍ୟ ରଖିଥାନ୍ତା। ମାତ୍ର ଏହା ପୂର୍ବରୁ ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି। ମହାରାଷ୍ଟ୍ରରେ ସମ୍ବିଧାନର ନିୟମ ଅନୁଯାୟୀ ସରକାର ଗଢ଼ିବା ସମ୍ଭବ ନୁହେଁ। ତେଣୁ ଧାରା ୩୫୬ ଅନୁଯାୟୀ ରାଷ୍ଟ୍ରପତି ଶାସନ ଲାଗୁ ହେବା ଦରକାର ବୋଲି ରାଜଭବନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଜଣାଯାଇଥିଲା। ତେବେ ୬ ମାସ ମଧ୍ୟରେ ଯଦି କୌଣସି ଦଳ ନେତୃତ୍ୱ ନେଇ ସଂଖ୍ୟା ବଳର ପ୍ରମାଣ ଦେବ, ତାହାଲେ ରାଷ୍ଟ୍ରପତି ଶାସନ ହଟିପାରିବ।

## ନଗଡ଼ାରେ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଦାବି : ଡକ୍ଟର ଘଡ଼ାଇ

ଭୁବନେଶ୍ୱର: ୧୦ ନଭେମ୍ବର ୨୦୧୯ରେ ପୂର୍ବତନ ଅର୍ଥମନ୍ତ୍ରୀ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯାଜପୁର ଜିଲ୍ଲାର ନଗଡ଼ା ଅଞ୍ଚଳ ଗସ୍ତ କରି ପ୍ରତ୍ୟେକ ଜୁଆଙ୍ଗ ପରିବାର ଲୋକମାନଙ୍କୁ ଭେଟି ଭଲମନ୍ଦ ବୁଝିଛନ୍ତି ଏବଂ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଅଗ୍ରଗତି ଉପରେ ଲୋକଙ୍କ ସହ ଆଲୋଚନା କରିଛନ୍ତି। ପ୍ରତି ପରିବାରଙ୍କୁ ଆଳୁ ଓ ପିଆଜ ବଣ୍ଟନ କରିଛନ୍ତି। ନଗଡ଼ାର ଶିଶୁ ଅପମୃତ୍ୟୁ ଘଟଣା ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଫଳରେ ଟାସ୍କ ଫୋର୍ସ ଗଠନ, ଜିଲ୍ଲା ପ୍ରଶାସନର ତତ୍ପରତା ଦେଖା ଦେଇଥିଲା ଏବଂ କୋଟି କୋଟି ଟଙ୍କା ବ୍ୟୟରେ ବହୁ ବିକାଶମୂଳକ କାର୍ଯ୍ୟ ସମ୍ଭବ ହୋଇପାରିଛି। ୬୦ ପରିବାରକୁ ବିଜୁ ପକ୍କାଘର ଯୋଗାଇ ଦିଆଯାଇଛି। ଦୁଇଟି ପ୍ରାଥମିକ ବିଦ୍ୟାଳୟ ଓ ଚାରୋଟି ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ହୋଇଛି। ବିଜୁଳି ଏବଂ ପାନୀୟ ଜଳ ପ୍ରତ୍ୟେକ ପରିବାରକୁ ଯୋଗାଇ ଦେବା ପାଇଁ କାର୍ଯ୍ୟ ଜୋରଦାର ଚାଲିଛି। ସରକାରଙ୍କ ତରଫରୁ ବିହନ ଯୋଗାଇଲା ପରେ ପନିପରିବା ଚାଷ ହେଉଥିବା ଲକ୍ଷ କରାଯାଉଛି। ନିର୍ମାଣ କରାଯାଇଥିବା ରାସ୍ତା ଖରାପ ହୋଇ ଯାଇଥିବାରୁ ତା'ର ମରାମତି କାର୍ଯ୍ୟ ଚାଲୁ ରହିଅଛି। ଅଶୋକ ଝରଠାରୁ ନଗଡ଼ା ପର୍ଯ୍ୟନ୍ତ ୯ କିଲୋମିଟର ରାସ୍ତା ଖୁବ୍ ଶୀଘ୍ର ପିଚୁ ବା କଂକ୍ରିଟ ରାସ୍ତା ହେବା ନିତ୍ୟାନ୍ତ ଆବଶ୍ୟକ। ନଗଡ଼ାଠାରୁ ୪୦ କି.ମି. ବ୍ୟାସାର୍ଦ୍ଧ ଭିତରେ କୌଣସି ସରକାରୀ ଡାକ୍ତରଖାନା ନାହିଁ। ଲୋକଙ୍କୁ ନିୟମିତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ କାଳିଆପାଣି ଏବଂ ଟମକାଠାରେ ଦୁଇଟି ସରକାରୀ ଡାକ୍ତରଖାନା ଡି.ଏମ.ଫ. ଫଣ୍ଡରେ ପ୍ରତିଷ୍ଠା କରିବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି। ସ୍ଥାନୀୟ ବିଧାୟକ, ଜିଲ୍ଲା ପ୍ରଶାସନ ଓ ଟାସ୍କଫୋର୍ସର ସେ ସମୟର ତଦାନିନ୍ତନ ଅଧ୍ୟକ୍ଷ ଆର. ବାଲକ୍ରିଷ୍ଣନ ସୁପାରିଶ କରିଥିଲେ ମଧ୍ୟ ଅଦ୍ୟାବଧି ଡାକ୍ତରଖାନା ପ୍ରତିଷ୍ଠା କରାଯାଇ ନାହିଁ । ଏଥିନେଇ ଡକ୍ଟର ଘଡାଇ ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଶୀଘ୍ର ଡାକ୍ତରଖାନା ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି।

## ଖାଦ୍ୟ ସୁରକ୍ଷା ଆଇନ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ନିୟମାବଳୀରେ ଅନ୍ତର୍ଭୁକ୍ତ କରିବାକୁ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର

ଭୁବନେଶ୍ୱର, ୧୨।୧୧(ପି.ଏନ): ଖାଉଟି ସୁରକ୍ଷା ଆଇନ ୧୯୮୬ ବଦଳରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନୂତନ ଖାଦ୍ୟ ସୁରକ୍ଷା ଆଇନ-୨୦୧୯ ପ୍ରଣୟନ କରାଯାଇଛି । ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ ନିୟମାବଳୀ ପ୍ରସ୍ତୁତ କରାଯାଉଥିବା ପରିପ୍ରେକ୍ଷୀରେ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧିଷ୍ଟ ପ୍ରସ୍ତାବକୁ ନିୟମାବଳୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଂଟନ ମନ୍ତ୍ରୀ ଶ୍ରୀ ରାମବିଳାସ ପାଶୱାନ୍‌ଙ୍କୁ ପତ୍ର ଲେଖିଛନ୍ତି । ନୂତନ ଆଇନରେ ଗଠିତ ହେବାକୁ ଥିବା କେନ୍ଦ୍ରୀୟ ଖାଉଟି ସୁରକ୍ଷା ପରିଷଦରେ ରାଜ୍ୟ ସରକାରଙ୍କ ଖାଉଟି କଲ୍ୟାଣ ବିଭାଗ ସଚିବଙ୍କୁ ସଭ୍ୟ ହିସାବରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଆଇନର ଧାରା ୨୯ ଅନୁଯାୟୀ ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗରେ ସଭାପତି ଓ ସଭ୍ୟମାନଙ୍କର ଇସ୍ତଫା ଗ୍ରହଣ ଏବଂ ଅପସାରଣ କ୍ଷମତା ରାଜ୍ୟ ସରକାରଙ୍କ ହାତରେ ନ୍ୟସ୍ତ କରାଯିବା ଆବଶ୍ୟକ । ସେହିପରି ଧାରା ୩୦ ଅନୁଯାୟୀ ଜିଲ୍ଲା ଆୟୋଗର ସଭାପତି ଓ ସଦସ୍ୟମାନଙ୍କର ଦରମା, ଭତା ଆଦି ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବାକୁ ପ୍ରସ୍ତାବ ଦିଆଯାଇଛି । ଅଭିଯୋଗ ଦାଖଲ କରିବା ସମୟରେ ଖାଉଟି ନଗଦ କିମ୍ବା ଇଲେକ୍‌ଟ୍ରୋନିକ୍ ଫର୍ମାଟ୍‌ରେ ଦାଖଲ କରିଥିବା ଦେୟଗୁଡ଼ିକ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ହେଡ୍ ଅଫ୍ ଆକାଉଂଟରେ ଦାଖଲ ହେବ । ଏହି ଅର୍ଥରାଶିକୁ ରାଜ୍ୟ ଖାଉଟି କଲ୍ୟାଣ ପାଣ୍ଠିରେ ଜମା ରଖାଯିବ । ଖାଉଟି ବିବାଦ ସମାଧାନ ଆୟୋଗଙ୍କ ଇସ୍ତଫା ଗ୍ରହଣ କିମ୍ବା ଅପସାରଣ କ୍ଷମତା ରାଜ୍ୟ ସରକାରଙ୍କ ନିକଟରେ ନ୍ୟସ୍ତ କରିବା ପାଇଁ ପତ୍ରରେ ପ୍ରସ୍ତାବ ଦିଆଯାଇଛି । ସେହିପରି ରାଜ୍ୟ କମିଶନର ସଭାପତି ଓ ସଭ୍ୟମାନଙ୍କର ଦରମା ଓ ଭତା ଆଦି ଖର୍ଚ୍ଚ କେନ୍ଦ୍ର ସରକାରଙ୍କ ଦ୍ୱାରା ବହନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । ନୂତନ ଆଇନ ଅନୁଯାୟୀ ଗଠିତ ହେବାକୁ ଥିବା ଖାଉଟି ମଧ୍ୟସ୍ଥତା ସେଲ୍ ରାଜ୍ୟ ସରକାରଙ୍କ ଦ୍ୱାରା ସୁପାରିଶ କ୍ରମେ କରିବା ପାଇଁ ପତ୍ରରେ ଉଲ୍ଲେଖ କରାଯାଇଛି । ଇ-କମର୍ସ ଓ ସିଧାସଳଖ ବିକ୍ରି ବ୍ୟବସ୍ଥାରେ ଅନୈତିକ ବ୍ୟବସାୟ ରୋକିବା ଓ ଖାଉଟିମାନଙ୍କର ସ୍ୱାର୍ଥରକ୍ଷା ଦିଗରେ ଉଭୟ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ସମୁଚିତ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଦିଆଯାଇଛି । ନୂତନ ଆଇନରେ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ ଗଠନକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସ୍ୱାଗତ କରିଥିବାବେଳେ ଏଥିରେ ଥିବା କିଛି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ପରାମର୍ଶ ଦିଆଯାଇଛି । ଏହି ନିୟମ ଧାରା ୧୬ ଏବଂ ୧୯ ଅନୁସାରେ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ କୌଣସି ଖାଉଟି ବିବାଦ ସଂପର୍କରେ ସିଧାସଳଖ ଜିଲ୍ଲାପାଳ ମାନଙ୍କଠାରୁ ରିପୋର୍ଟ ତଲବ କରିବା ବ୍ୟବସ୍ଥା ରହିଛି । ରାଜ୍ୟ ସରକାରଙ୍କୁ ଏଡାଇ ସିଧାସଳଖ ଜିଲ୍ଲାପାଳଙ୍କ ଠାରୁ ରିପୋର୍ଟ ତଲବ କରିବି । ସୁସ୍ଥ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଲେଖ କରିବା ସହିତ ଏହା ରାଜ୍ୟ ସରକାରଙ୍କର ଖାଉଟି ବ୍ୟପାର ବିଭାଗ ମାଧ୍ୟମରେ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଧାରା ୧୦(୩)ରେ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷଙ୍କ ମୁଖ୍ୟାଳୟରେ ନୂଆଦିଲ୍ଲୀରେ ରଖାଯିବାକୁ ବ୍ୟବସ୍ଥା ଥିବାବେଳେ ଓଡ଼ିଶା ସହିତ ସମସ୍ତ ରାଜ୍ୟମାନଙ୍କରେ ଏହାର ଆଂଚଳିକ କାର୍ଯ୍ୟାଳୟ ଖୋଲାଯିବାକୁ ପ୍ରସ୍ତାବ ଦିଆଯାଇଛି । କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ ରାଜ୍ୟ କିମ୍ବା ଜିଲ୍ଲା କମିଶନର ଖାଉଟି ମାମଲାରେ ସିଧାସଳଖ ହସ୍ତକ୍ଷେପ କରିବାର କ୍ଷମତା ରହିଥିବାବେଳେ ଏଥିରେ ପରିବର୍ତ୍ତନ କରାଯିବାର ଆବଶ୍ୟକତା ରହିଛି । ନିର୍ଦ୍ଦିଷ୍ଟ ମାମଲା ବିଷୟରେ ପ୍ରଥମେ ରାଜ୍ୟ ସରକାରଙ୍କ ମତାମତ ନେବା ପାଇଁ କୁହାଯାଇଛି । ନୂତନ ଆଇନରେ ଜିଲ୍ଲା ତଥା ରାଜ୍ୟ ଖାଉଟି କମିଶନରେ ସଭାପତି ଓ ସଦସ୍ୟମାନଙ୍କର ନିଯୁକ୍ତି ସଂପର୍କରେ ଚୟନ ପ୍ରକ୍ରିୟା, ନିଯୁକ୍ତି ସର୍ତ୍ତାବଳୀ, ନିଯୁକ୍ତି ଅବଧି, ଇସ୍ତଫା, ଅପସାରଣ ଆଦି କ୍ଷମତା କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବାବେଳେ ଏହାକୁ ପରିବର୍ତ୍ତନ କରି ବର୍ତ୍ତମାନ ପ୍ରଚଳିତ ବ୍ୟବସ୍ଥା କାୟମ ରଖିବା ଉପରେ ପ୍ରସ୍ତାବ ଦିଆଯାଇଛି । ଜିଲ୍ଲା ଓ ରାଜ୍ୟ ଆୟୋଗର ସଭାପତି ଓ ସଦସ୍ୟମାନଙ୍କର ଦରମା ଓ ଭତା ଆଦି ଖର୍ଚ୍ଚ ବ୍ୟତୀତ ଏହାର ପରିଚ୍ଛଳନାଗତ ଖର୍ଚ୍ଚର ୭୫ ପ୍ରତିଶତ କେନ୍ଦ୍ର ସରକାରଙ୍କ ଦ୍ୱାରା ବହନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଏତଦ୍‌ବ୍ୟତୀତ ମହିଳାମାନଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ଦେବା ଦିଗରେ ଆୟୋଗରେ ଜଣେ ମହିଳା ସଦସ୍ୟା ରଖିବା ପାଇଁ ବାଧ୍ୟତାମୂଳକ ବୋଲି ପ୍ରସ୍ତାବ ଦେଇଛନ୍ତି । ନୂତନ ଆଇନ ରେ ଥିବା ଖାଉଟି ମଧ୍ୟସ୍ଥତା ବ୍ୟବ ସ୍ଥାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରଶଂସା କରିବା ସହିତ ମଧ୍ୟସ୍ଥତା ନିମନ୍ତେ ୬୦ ଦିନର ସମୟସୀମା ଧାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଧାର୍ଯ୍ୟ ୬୦ ଦିନ ସମୟସୀମା ମଧ୍ୟରେ ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ ନହୋଇପାରିଲେ ଏହା ଆୟୋଗ ଦ୍ୱାରା ବିଚାର କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏଥି ସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟମାବଳୀ ଚୂଡ଼ାନ୍ତ କରିବା ପୂର୍ବରୁ ସମସ୍ତ ରାଜ୍ୟ ସରକାରଙ୍କ ସହିତ ଏ ସଂକ୍ରାନ୍ତରେ ବିସ୍ତୃତ ବିଚାର ଆଲୋଚନା କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରସ୍ତାବ ଦେଇଛନ୍ତି ।

## ଭାରତ-ଓପେକ୍ ଭାଗିଦାରୀକୁ ମଜବୁତ୍ କରିବା ଉପରେ କେନ୍ଦ୍ରମନ୍ତ୍ରୀଙ୍କ ଗୁରୁତ୍ୱାରୋପ




ୟୁଏଇ/ଭୁବନେଶ୍ୱର, ୧୨।୧୧ (ପି.ଏନ): ଦୁଇଦିନିଆ ୟୁଏଇ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନ୍ତିମ ଦିନରେ ଭିଟୋଲ ଗ୍ରୁପର ମୁଖ୍ୟ ମାଇକ୍ ମିଲ୍ଲରଙ୍କୁ ସାକ୍ଷାତ୍ କରି ଭିଟୋଲ ଗ୍ରୁପ କମ୍ପାନୀକୁ ତୈଳ ଓ ଗ୍ୟାସ କ୍ଷେତ୍ରରେ ପୁଞ୍ଜିନିବେଶ କରି ଭାରତର ବିକାଶ ଯାତ୍ରାରେ ସାମିଲ ହେବାକୁ ନିମନ୍ତ୍ରଣ କରିଛନ୍ତି । ସେହିପରି ଓପେକର ସାଧାରଣ ସଚିବ ଡ. ମହମ୍ମଦ ବାରକିଣ୍ଡୋଙ୍କୁ ଭେଟି ଭାରତ-ଓପେକ୍ ଭାଗିଦାରୀକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ଶ୍ରୀ ପ୍ରଧାନ । ଭିଟୋଲ ଗ୍ରୁପର ମୁଖ୍ୟଙ୍କ ସାକ୍ଷାତକାଳରେ ଶ୍ରୀ ପ୍ରଧାନ ପଲିସି ଗୁଡିକରେ ସଂସ୍କାର ଅଣାଯିବା କାରଣରୁ ଭାରତର ଅନ୍ୱେଷଣ ଓ ଉତ୍ପାଦନ କ୍ଷେତ୍ର ପୁଞ୍ଜିନିବେଶ କରିବା ପାଇଁ ଉପଯୋଗୀ ସ୍ଥାନ ହୋଇପାରିଛି । ନିକଟରେ କର୍ପୋରେଟ୍ ଟିକସ ହ୍ରାସ, ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ ତଥା ବ୍ୟବସାୟ କରିବାରେ ସହଜ ଏବଂ ଇନ୍ଧନ ପ୍ରସଙ୍ଗ ଉପରେ ଶ୍ରୀ ପ୍ରଧାନ ଚର୍ଚ୍ଚା କରିଥିଲେ । ସେହିପରି ଓପେକର ସାଧାରଣ ସଚିବ ଡ. ମହମ୍ମଦ ବାରକିଣ୍ଡୋଙ୍କ ସହ ଶ୍ରୀ ପ୍ରଧାନଙ୍କ ମଧ୍ୟରେ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଉଭୟେ ସାଂପ୍ରତିକ ତୈଳ ଏବଂ ଗ୍ୟାସ ମାର୍କେଟର ବିକାଶ ତଥା ବିଶେଷ ଭାବରେ ଅନ୍ତର୍ଜାତୀୟ ସ୍ତରରେ ତୈଳ ଦରରେ ଅସ୍ଥିରତା ଏବଂ ଅଶୋଧିତ ତୈଳ ଯୋଗାଣ ଉପରେ ଆଲୋଚନା କରିଥିଲେ । ଦୁଇ ମନ୍ତ୍ରୀ ଭାରତ-ଓପେକ୍ ଭାଗିଦାରୀକୁ ଆଗାମୀ ଦିନରେ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ଉର୍ଜାର ସୁରକ୍ଷା ଓ ଉର୍ଜା ଦାରିଦ୍ର୍ୟର ସମାଧାନ ପାଇଁ ମିଶି କାମ କରିବା ପାଇଁ ସମ୍ମତି ଜଣାଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନଭେମ୍ବର ୧୦ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଦୁଇଦିନିଆ ୟୁଏଇ ଗସ୍ତରେ ଯାଇଥିଲେ । ଶ୍ରୀ ପ୍ରଧାନଙ୍କ ସହ ଉଚ୍ଚସ୍ତରୀୟ ସରକାରୀ ଅଫିସର ମଣ୍ଡଳି ସହ ଏକ ବ୍ୟବସାୟିକ ପ୍ରତିନିଧି ମଣ୍ଡଳି ମଧ୍ୟ ମନ୍ତ୍ରୀଙ୍କ ସହ ଏହି ବିଦେଶ ଗସ୍ତରେ ସାମିଲ ଅଛନ୍ତି । "ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଗତକାଲି ଆବୁଧାବୀ ଅନ୍ତର୍ଜାତୀୟ ପେଟ୍ରୋଲିୟମ ପ୍ରଦର୍ଶନୀ ଓ ସମ୍ମିଳନୀ(ଆଡିପେକ-୨୦୧୯) ରେ ଯୋଗଦେଇଥିଲେ । ଏହି ଅବସରରେ ସେ ତୈଳ ଓ ଗ୍ୟାସ କ୍ଷେତ୍ରରେ ବିଶ୍ୱ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବାର ଲକ୍ଷ୍ୟ ନେଇ ୨୦୨୪ ସୁଦ୍ଧା ଭାରତ ରିଫାଇନିଂ, ପାଇପଲାଇନ୍ ଏବଂ ଗ୍ୟାସ ଟର୍ମିନାଲରେ ୧୦୦ ବିଲିୟନ ଡଲାର ପୁଞ୍ଜିନିବେଶ କରିବାର ଯୋଜନା ଥିବା ସମ୍ମିଳନୀରେ ସୂଚନା ଦେଇଥିଲେ । ସେହିପରି ୟୁଏଇ ମନ୍ତ୍ରୀ ସୁଲତାନ ଅଲ୍ ଜାବେରଙ୍କ ସହ ଭାରତ ପାଭିଲିୟନକୁ ମଧ୍ୟ ଉଦଘାଟନ କରିଥିଲେ । ଏହାବ୍ୟତିତ ସେଠାକାର ବିଭିନ୍ନ କମ୍ପାନୀର ମୁଖ୍ୟଙ୍କୁ ଭେଟି ଭାରତ ଓ ୟୁଏଇ ମଧ୍ୟରେ ବ୍ୟବସାୟିକ ସମ୍ଭାବନା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନଭବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦ୍ରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଡକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତ୍ତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଡକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୟାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଆଦିରତ୍ନ ଦାଦି ସନ୍ଦେଶୀଜୀଙ୍କର ପୂଣ୍ୟ ତିଥି ପାଳିତ



ଭୁବନେଶ୍ୱର, (ପିଏନ) : ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ମୁଖ୍ୟ ସେବାକେନ୍ଦ୍ର, ଓମ୍ ନିବାସ, ୟୁନିଟ୍-୯, ଭୁବନେଶ୍ୱର ତରଫରୁ ଆଦିରତ୍ନ ଦାଦି ସନ୍ଦେଶୀଜୀଙ୍କର ଦ୍ୱାଦଶ ପୂଣ୍ୟତିଥି ପାଳିତ ହୋଇଯାଇଛି । ହାଇଟେକ୍ ହସ୍ପିଟାଲ୍ ରୋଡସ୍ଥିତ କାମନା ଗ୍ରାମଠାରେ ସେବାକେନ୍ଦ୍ର ତରଫରୁ ନବନିର୍ମିତ ଦାଦି ଉପବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତା ୦୧.୧୧.୨୦୧୯ରିଖ ଶୁକ୍ରବାର ଦିବା ଘ.୧୦.୩୦ମିନିଟ୍ ସମୟରେ ଆଦିରତ୍ନ ଦାଦି ସନ୍ଦେଶୀଜୀଙ୍କର ଦ୍ୱାଦଶ ପୂଣ୍ୟତିଥି ଉପଲକ୍ଷେ ଭୁବଶ୍ୱେରରେ ବ୍ରହ୍ମାକୁମାରୀ ସଂସ୍ଥାର ବୀଜବପନ କରିଥିବା ସେହି ପବିତ୍ର ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସମେତ ଦାଦି ଉପବନର ଉଦ୍‌ଘାଟନ, ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟଶିବିର, ୧୦୦ଜଣ ବରିଷ୍ଠ ବ୍ରହ୍ମାକୁମାରୀ ଭଉଣୀଙ୍କୁ ସମ୍ମାନ ପ୍ରଦାନ, ଓମ୍ ପ୍ରତିମୂର୍ତ୍ତିର ଉଦ୍‌ଘାଟନ ଓ ଆଧ୍ୟାତ୍ମିକ ପ୍ରବଚନ ଆଦି କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁଦୂର ମାଉଣ୍ଟଆବୁରୁ ବ୍ରହ୍ମାକୁମାର ଡା. ବନାରସୀଲାଲ୍ ଭାଇ ଯୋଗଦେଇଥିଲାବେଳେ ମୁଖ୍ୟବକ୍ତା ଭାବେ କୋଲକାତାରୁ ବ୍ରହ୍ମାକୁମାରୀ ଇଷ୍ଟର୍ଣ୍ଣଜୋନର ମୁଖ୍ୟ ରାଜଯୋଗିନୀ ବ୍ରହ୍ମାକୁମାରୀ କାନନ ଦିଦି ପ୍ରମୁଖ ଯୋଗଦେଇ ଦାଦିଜୀଙ୍କ ସ୍ମୃତିଚାରଣ କରିଥିଲେ । ତତ୍‌ସଂଙ୍ଗେସଙ୍ଗେ ରୋଟାରି କ୍ଲବର ଡି.ଜି. ଦେବାଶିଷ ମିଶ୍ର, ଜୟଦେବ ବିଧାୟକ ଡଃ ଅରବିନ୍ଦ ଢାଲି, ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ସମ୍ମାନୀୟ ଅତିଥି ରୂପେ ଯୋଗଦାନ କରିଥିଲେ । ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫ ହଜାର ଭାଇ ଭଉଣୀ ଯୋଗଦାନ କରିଥିଲେ । ସଂଚାଳିକା ବ୍ରହ୍ମାକୁମାରୀ ଗୀତା ଭଉଣୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ସୂଚାରୁ ରୂପେ ଅନୁଷ୍ଠିତ ହୋଇଥିଲା ।

# ବଜାରକୁ ଆସିଲା ଓରିଫ୍ଲେମର ନୂତନ ଏ-ଜେଡ ଓ୍ୱାନ କ୍ରିମ ହାଇଡ୍ରା ବ୍ରାଇଟ ଏସପିଏଫ ୩୦

ଭୁବନେଶ୍ୱର :ସୌନ୍ଦର୍ଯ୍ୟର ପରମ୍ପରା ବର୍ତ୍ତମାନ ଅଧିକ ପ୍ରାକୃତିକ ରୂପରେ ଆସିବା ପାଇଁ ବିକଶିତ ହେଉଛି । ଜଣଙ୍କର ପ୍ରାକୃତିକ ତ୍ୱଚା ଅନୁରୂପ ହୋଇଥିବା "ନ୍ୟୁଡ ମେକଅପ" ବର୍ତ୍ତମାନ ସୌନ୍ଦର୍ଯ୍ୟ ଏବଂ ମେକଅପ କ୍ଷେତ୍ରରେ ଅଧିକ ଆଦୃତ ହେଉଛି । ତେଣୁ ବର୍ତ୍ତମାନର ମାର୍କେଟ ଟ୍ରେଣ୍ଡକୁ ଆଖି ଆଗରେ ରଖି ସ୍ୱେଡିସ ପ୍ରତ୍ୟେକ୍ଷ ବିୟୁଟି ବ୍ରାଣ୍ଡ ଓରିଫ୍ଲେମ ପକ୍ଷରୁ ଏହାର ନୂତନ ଏ-ଜେଡ କ୍ରିମ ହାଇଡ୍ରା ବ୍ରାଇଟ ଏସପିଏଫ ୩୦ର ଶୁଭାରମ୍ଭ କରାଯାଇଛି । ପ୍ରଗତିଶୀଳ ବିଜ୍ଞାନ ସହିତ ପ୍ରକୃତିର ସର୍ବଶ୍ରେଷ୍ଠ ଉପାଦାନ ଗୁଡ଼ିକରେ ସମୃଦ୍ଧ ଏହି କ୍ରିମ ଏକ ତେଜମୟ ତଥା ଉଜ୍ୱଳ ତ୍ୱଚାକୁ ପ୍ରୋତ୍ସାହିତ କରିଥାଏ । ଏଥିରେ ଥିବା କ୍ରିଷ୍ଟାଲ ବ୍ରାଇଟ କମ୍ପ୍ଲେକ୍ସ ତ୍ୱଚାର ଉଜ୍ୱଳତାରେ ସହାୟକ ହେଉଥିବା ବେଳେ ଏହାର ସ୍ୱତନ୍ତ୍ର ସିଲ୍ଡ କ୍ଷତିକାରୀ ପ୍ରଭାବରୁ ଆପଣଙ୍କ ତ୍ୱଚାକୁ ରକ୍ଷା କରିଥାଏ । ଏହା ବ୍ୟତୀତ ଏହା ଆପଣଙ୍କ ତ୍ୱଚାକୁ ପ୍ରାକୃତିକ କଭରେଜ ମଧ୍ୟ ପ୍ରଦାନ କରିଥାଏ । ଏହି ଶୁଭାରମ୍ଭ ପରିପ୍ରେକ୍ଷୀରେ ଓରିଫ୍ଲେମ ଦକ୍ଷିଣ ଏସିଆ, ମାର୍କେଟିଙ୍ଗ, ବରିଷ୍ଠ ନିର୍ଦ୍ଦେଶକ ଶ୍ରୀ ନବିନ ଆନନ୍ଦ କହିଛନ୍ତି ଯେ "ବର୍ତ୍ତମାନର ଗ୍ରାହକମାନେ ଗୋଟିଏ ଉତ୍ପାଦରେ ଏକାଧିକ ଲାଭକାରୀ ଗୁଣର ସନ୍ଧାନ କରିଥାନ୍ତି । ସେଥିପାଇଁ ହିଁ ଆମେ ଏହି ଅଭିନବ ଓ୍ୱାନ ଏ-ଜେଡ କ୍ରିମ ହାଇଡ୍ରା ବ୍ରାଇଟ ଏସପିଏଫ ୩୦ ନେଇ ଆସିଛି, ଯାହାକି କେବଳ ଉପଯୁକ୍ତ କଭରେଜ ପ୍ରଦାନ କରିନଥାଏ ବରଂ ତ୍ୱଚାକୁ ହାଇଡ୍ରେଟ ଏବଂ ସୁରକ୍ଷିତ ରଖିଥାଏ ।"

# ବିଜୁ ଯୁବବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

ଚଣ୍ଡିଖୋଲ, ୦୧/୧୧(ପିଏନ)-ରାଜ୍ୟ ଯୁବକଲ୍ୟାଣ ପରିଷଦ ଓଡ଼ିଶା ଆନୁକୁଲ୍ୟରେ ବଡ଼ଚଣା ବିଜୁ ଯୁବ ବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସମ୍ବନ୍ଧିୟ ସଚେତନତା କାର୍ଯ୍ୟକ୍ରମ ରକ୍ଷକ ଅନୁଷ୍ଠିତ ହୋଇଯାଇଛି । ବଡ଼ଚଣା ବିଜୁ ଯୁବବାହିନୀ ସଂଯୋଜକ ଗଣେଶ୍ୱର ବରାଳଙ୍କ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀ ସଦସ୍ୟ ଓ ମହାବିନାୟକ ବିଦ୍ୟାୟନର ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ଯାଇ ୧୬ ନଂ ଜାତୀୟ ରାଜପଥ ବଡ଼ଚଣା ଛକ ଠାରେ ହେଲମେଟ୍ ପିନ୍ଧିଥିବା ବାଇକ୍ ଚାଳକମାନଙ୍କୁ ଗୋଲାପ ଫୁଲ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ଏକ ଶୋଭାଯାତ୍ରାରେ ଯାଇ ବଡ଼ଚଣା ପଞ୍ଚାୟତ ସମିତି ଠାରେ ଏକ ସଡ଼କ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନା, ବଡ଼ଚଣା ବି.ଡ଼ି.ଓ. ଅଜୀତ ପ୍ରସାଦ ନାରାୟଣ ଗିରି, ବଡ଼ଚଣା ବ୍ଲକ୍ ଅଧକ୍ଷ ଭାଗ୍ୟଧର ମଳିକ, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ସୁମତୀ ବାସ୍କେ, ବିନୋଦିନୀ ସାହୁ, ସରପଞ୍ଚ ନିବେଦିତା ସାହୁ, ଯୁବନେତା ଭବାନୀ ଶଙ୍କର ସାହୁ, ଯତିନ୍ଦ୍ର ନାୟକ, ଏସ. ଆଇ. ସୟଦ ଖାଁ, ଯୁବ ବାହିନୀ ସଭାପତି ଜୟନ୍ତ ରାଉତ, ନବଦୀପ ନାୟକ, ବିପିନ ବିହାରୀ ଜେନା, ପବନେଶ୍ୱର ଜେନା ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ଉପରେ ଆଲୋଚନା କରିଥିଲେ ।

# ଦଶିପୁର ପଂଚାୟତରେ କିରୋସିନ ହଡପ କରାଯାଉଥିବା ଉପଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡା (ପିଏନ)- ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ପଂଚାୟତର ଖାଉଟି ହିତାଧିକାରୀମାନେ ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ସେହି ପଂଚାୟତର ଖାଉଟି ଡିଲର ରବିନ୍ଦ୍ର ମଲିକଙ୍କ ନାମରେ ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନ ତାଙ୍କୁ ନିଲମ୍ବିତ କରି ଗିରିବନ୍ଧର ଡିଲର ପିତାମ୍ବର ବେହେରାଙ୍କୁ ଦଶିପୁର ପଂଚାୟତର ରାସନ ସାମଗ୍ରୀ ବାଂଟିବାକୁ ନିର୍ଦ୍ଦେଶ ଦେଇଥିଲା । ନଦୀପାର ହୋଇ ଦଶିପୁର ଖାଉଟିମାନେ ଗିରିବନ୍ଧ ଯିବାକୁ ଅସୁବିଧା ହେବାରେ ଜିଲ୍ଲାପାଳ ଡିଲର ପିତାମ୍ବର ବେହେରାଙ୍କୁ ଦଶିପୁର ଠାରେ ଖାଉଟିମାନଙ୍କୁ ସାମଗ୍ରୀ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଡିଲର ଶ୍ରୀ ବେହେରା ଦଶିପୁରରେ ନିଜେ ରାସନ ସାମଗ୍ରୀ ନବାଂଟି ନିଲମ୍ବିତ ଡିଲର ରବିନ୍ଦ୍ର ମଲିକଙ୍କ ଦ୍ୱାରା ରାସନ ସାମଗ୍ରୀ ବଂଟନ କାର୍ଯ୍ୟ କରାଉଥିଲେ । ଫଳରେ ନିଲମ୍ବିତ ଡିଲର ଶ୍ରୀ ମଲିକ କିରୋସିନ ହଡପ କରିଥିବା ସହିତ ସରକାରଙ୍କ ପକ୍ଷରୁ ରାସନକାର୍ଡ ଧାରିଙ୍କୁ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଥିବା ବିଦ୍ୟୁତ ବଲବ ପାଇଁ ଖାଉଟିଙ୍କ ଠାରୁ ପ୍ରତ୍ୟେକ ୦୧୦ଟଙ୍କା କରି ଆଦାୟ କରିଲେ । ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ଡିଲର ଶ୍ରୀ ବେହେରା ଖାଉଟିମାନଙ୍କୁ ହଇରାଣ କରିବା ଉଦେଶ୍ୟରେ ଦଶିପୁର ପଂଚାୟତ ବଦଳରେ ଖଡିଅଂଟା ଗ୍ରାମରେ ରାସନ ସାମଗ୍ରୀ ରଖି ବାଂଟୁଥିବାର ଅଭିଯୋଗ ହୋଇଛି । ସେହି ସ୍ଥାନରୁ ସବୁ ଖାଉଟି ରାସନ ସାମଗ୍ରୀ ଆଣିବା ସମ୍ଭବ ପର ନୁହେଁ । ଏଣୁ ଦଶିପୁର ପଂଚାୟତର ଖାଉଟିମାନଙ୍କ ପକ୍ଷରୁ ବିବେକାନନ୍ଦ ଦାଶ ,ପ୍ରମୋଦ ପଣ୍ଡା,ଅକ୍ଷୟ ସାହୁ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି ଏହି ସମସ୍ୟାଟିର ଆଶୁ ସମାଧାନ କରିବା ସହ ଦଶିପୁର ପଂଚାୟତର ଖାଉଟିମାନଙ୍କୁ ତିନିମାସର ରାସନ ସାମଗ୍ରୀ ଦଶିପୁର ପଂଚାୟତରେ ଦିଆଯିବାର ସୁବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ । ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ମହାପାତ୍ର ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଥିବା ଜଣାପଡିଛି ।

# ବ୍ୟବସାୟ ପ୍ରସାର ଲାଗି ସ୍ୱାବଲମ୍ବନ କନେକ୍ଟ କେନ୍ଦ୍ର ସ୍ଥାପନ କରିବାକୁ ସିଡ୍‌ବିର ଯୋଜନା

ଭୁବନେଶ୍ୱର: ଦେଶରେ ବ୍ୟବସାୟ ମନୋବୃତିକୁ ସୁଦୃଢ଼ କରିବା ଲାଗି ଦେଶର ପାଂଚଟି ରାଜ୍ୟରେ ୧୦୦ ସ୍ୱାବଲମ୍ବନ କନେକ୍ଟ କେନ୍ଦ୍ର (ଏସ୍‌ସିକେ) ସ୍ଥାପନ କରିବାକୁ ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ (ସିଡବି) ଆଗେଇ ଆସିଛି । ସିଡ୍‌ବି ମିସନର ସ୍ୱାବଲମ୍ବନ ମାଧ୍ୟମରେ ସମାଜରେ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିକାରୀ ତିଆରି କରିବାକୁ ଲକ୍ଷ୍ୟ ରଖିଅଛି । ଏହି ଅଭିଯାନରେ ଅନ୍ତର୍ଭୁକ୍ତ ହୋଇଥିବା ରାଜ୍ୟଗୁଡ଼ିକ ହେଉଛନ୍ତି ଉତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଓ ତେଲେଙ୍ଗାନା । ଏହି ୧୦୦ ଏସ୍‌ସିକେ ୭୦୦୦ ନୂତନ ସଂସ୍ଥା ସ୍ଥାପନ କରିବାରେ ସହାୟକ ହେବ ତଥା ପୂର୍ବର ସ୍ଥାପିତ ଜୀବିକା/ସଂସ୍ଥାମାନଙ୍କୁ ଆଗକୁ ବଢ଼ିବା ପାଇଁ ସହାୟତା ପ୍ରଦାନ କରିବ । ଏହି ଅଭିଯାନକୁ ସୁଗମ କରିବା ପାଇଁ ସିଡ୍‌ବି ତରଫରୁ ଲେଟସ୍ ଏଣ୍ଡୋର୍ସ ଡେଭେଲପମେଂଟ୍ ପ୍ରାଇଭେଟ୍ ଲିମିଟେଡ୍ ସହ ଚୁକ୍ତି କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟର ସଚେତନତା ଠାରୁ ଆଗକୁ ଯାଇ ବ୍ୟାବସାୟିକ ସଂସ୍ଥା ସ୍ଥାପନ କରିବା ତଥା ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ସହାୟତା ଦେବା, ଆସୁଥିବା କଲ୍‌କୁ ସୂଚନା ଭିତିକ ଲିଡ୍‌ରେ ପରିଣତ କରିବା, ଉପଯୁକ୍ତ ପରିଚାଳନା ଲାଗି ଅଭାବର ମ୍ୟାପିଂ କରିବା, ଋଣ ପ୍ରାପ୍ତି ସହାୟତା ଇତ୍ୟାଦି ଜରିଆରେ ମିସନ ସ୍ୱାବଲମ୍ବନକୁ ସୁଦୃଢ଼ କରିବା ହେଉଛି ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ ।

ଏହି ଅବସରରେ ଶ୍ରୀ ମହମ୍ମଦ ମୁସ୍ତାଫା, ଆଇଏଏସ୍, ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, ସିଡ୍‌ବି କହିଛନ୍ତି ଯେ, "ଏହା ହେଉଛି ଆମର ସିଡବି ଭିଜନ ୨.୦ର ଏକ ଅଂଶ ଯେଉଁଥିରେ ମିସନ ସ୍ୱାବଲମ୍ବନ ହେଉଛି ଏକ ପ୍ରମୁଖ ଅଭିଯାନ । ଏହା ହେଉଛି ସଚେତନତାରୁ ଉପରୁ ଉଠି ବ୍ୟବସାୟିକ ସ୍ୱପ୍ନକୁ ବାସ୍ତବ କରିବା ଦିଗରେ ଏକ ପଦକ୍ଷେପ । ଯୁବପିଢ଼ି ଏବଂ ଅସେବିତ ଓ ଅଳ୍ପସେବିତ କ୍ଷେତ୍ରରେ ପହଂଚି, ସେମାନଙ୍କୁ ନୂତନ ଭାରତ ନିର୍ମାଣ ନିମନ୍ତେ ପ୍ରସ୍ତୁତ କରିବାର ଲକ୍ଷ୍ୟ ରଖିଛୁ ।"

ସିଡ୍‌ବି ପକ୍ଷରୁ ଏକ ଦେୟମୁକ୍ତ ଟେଲିଫୋନ ସେବା (୧୮୦୦-୨୦୦-୧୨୬୫)ର ଶୁଭାରମ୍ଭ କରାଯାଇଛି ଯେଉଁଥିରେ ଉଦ୍ୟୋଗୀ ହେବାକୁ ଆଶାୟୀ ବ୍ୟକ୍ତିମାନେ ମିସଡ୍ କଲ୍ ଦେଇ ବ୍ୟବସାୟିକ ସଂସ୍ଥା ସ୍ଥାପନ କରିବା ନିମନ୍ତେ ସହାୟତା ହାସଲ କରିପାରିବେ । ଏହି ସେବା ୨୦୧୯ ନଭେମ୍ବର ୧ରୁ ଆରମ୍ଭ କରାଯାଇଛି । କଲ୍ ଯେଉଁ ସ୍ଥାନରୁ ଆସିଛି ସେଠାକାର ପୋଷ୍ଟଲ୍ ଇଣ୍ଡେକ୍ସ ନମ୍ବର (ପିନ୍) ଅନୁସାରେ କଲ୍ ଓ ଲିଡ୍‌କୁ ନିକଟତମ ଏସ୍‌ସିକେକୁ ସ୍ଥାନାନ୍ତର କରାଯିବ । ଯୁବପିଢ଼ି ମଧ୍ୟରେ ବ୍ୟବସାୟିକ ସଂସ୍କୃତିର ପ୍ରସାର କରି, ସେମାନଙ୍କୁ ନିଯୁକ୍ତି ଆଶାୟୀ ନହୋଇ ନିଯୁକ୍ତି ସୃଷ୍ଟିକାରୀ ହେବାକୁ ଅନୁପ୍ରାଣିତ କରାଯାଉଛି । ଏସ୍‌ସିକେର ଡିସ୍‌ପ୍ଲେ ପ୍ୟାନେଲ୍‌ରେ ଉଦ୍ୟମିତା ଉପରେ ପ୍ରେରଣାତ୍ମକ ଓ ଉତ୍ସାହ ପ୍ରଦାନକାରୀ ଭିଡିଓ ଏବଂ ଜିଙ୍ଗଲ୍ ପ୍ରଦର୍ଶିତ ହେବ ।

# ୮ମ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ



ଭୁବନେଶ୍ୱର : 'କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ)' ଆନୁକୂଲ୍ୟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭୁବନେଶ୍ୱରସ୍ଥ ଲିଙ୍ଗପୁର-ନାଥପୁର ଘାଟ(ଦୟାବ୍ରିଜ)ଠାରେ ଅଦ୍ୟ ତା ୧୨/୧୧/୨୦୧୯ '୮ମ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ 'ମହା ସମାରୋହରେ ପାଳିତ ହୋଇଯାଇଛି । ଭୋର ୪ଘଟିକା ରୁ ଭଜନ ସମାରୋହ ଆରମ୍ଭ କରାଯାଇଥିଲା । ପରେ ପରେ ଦୟାନଦୀ ବୋଇତବନ୍ଦାଣ କମିଟିର ସଭ୍ୟ ଶ୍ରୀ ରବିନ୍ଦ୍ର ପାତ୍ର ଏବଂ ଶ୍ରୀ ଭକ୍ତ ଭୂଷଣ ବାରିକ ସମସ୍ତ ଅତିଥି ଓ କଳାକାର ମାନଙ୍କୁ ଖଦି ଗାମୁଛା, ପଗଡି ,ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ମାନ୍ୟବର ସଭାପତି ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ତଥା କାପୋକର ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ବିଜ୍ଞାନ କାରିଗର କୌଶଳ ଓ ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା , ସ୍କୁଲ ଓ ଗଣଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଂଜନ ଦାଶ, ସ୍ୱାଧିନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ପଟ୍ଟନାୟକ, ବରିଷ୍ଠ ସମଜସେବୀ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ ଶତପଥି, ବରିଷ୍ଠ କବି ଡ଼ ହୁସେନ ରବି ଗାନ୍ଧୀ, ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ର ଅଧକ୍ଷା ଶ୍ରୀମତୀ ଶ୍ରୀମୟୀ ମିଶ୍ର ,ଏସସି/ଏସ୍‌ଟି ପଛୁଆ ବର୍ଗ ବିକାଶ ବଭାଗର ଉପଦେଷ୍ଟା ମୁଜିବୁଲ୍ଲା ଖାନ (ମୁନା), ମହିଳା ଓ ଶିଶୁ ବିକାଶ ଉପଦେଷ୍ଟା ଶ୍ରୀମତୀ ସୁଲତା ଦେଓ ସମାଜସେବୀ ଶ୍ରୀ ରବିନ୍ଦ୍ର ପାତ୍ର ,ଶ୍ରୀ ସୁବାସ ସୁନ୍ଦରାୟ ଏବଂ ଶିଶୁପାଳ ଲିଙ୍ଗିପୁର ,ଇଟିପୁର ,ଟିକରପଡା,ଧଉଳି,ବାସୁଆଘାଇ ଗ୍ରାମପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହିଥିଲେ। ଯୋଗଦେଇ ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ଏବଂ ଦୟାନଦୀକୁ ସ୍ୱଚ୍ଛ ରଖିବା ନିମନ୍ତେ ଆଲୋକପାତ କରିବା ସହିତ ତତ୍କାଳୀନ ସାଧବ ପୁଅମାନେ ସମୁଦ୍ର ପଥରେ ବିଭିନ୍ନ ଦେଶକୁ ଦୀର୍ଘ ଯାତ୍ରା କରି ବାଣିଜ୍ୟ ମାଧ୍ୟମରେ ଉତ୍କଳ କୁ ସମୃଦ୍ଧ କରିବା ସହିତ ସଂସ୍କୃତି ବିନିମୟ ମାଧ୍ୟମରେ ବିଶ୍ୱଶାଂ'ର ବାର୍ତ୍ତା ଦେଉଥିବା ସଂପର୍କରେ ଅତିଥିବୃନ୍ଦ ଆଲୋକପାତ କରିଥିଲେ । ଯୁବ ସମାଜ ପ୍ରାଚୀନ ଉତ୍କଳୀୟ ପରମ୍ପରା ରୁ ଶିକ୍ଷା ଲାଭ କରି ସ୍ୱାଭଲମ୍ବୀ ହେବା ପାଇଁ ପରାମର୍ଶ ଦେବା ସହିତ ଦୟାନଦୀ କୁ ପ୍ରଦୂଷଣ ମୁକ୍ତ ରଖିବା ନିମ'େ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବରିଷ୍ଠ ସମାଜସେବୀ ଶ୍ରୀ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଙ୍କୁ 'ଦୟାନଦୀ ସମ୍ମାନ-୨୦୧୯'ରେ ସମ୍ମାନୀତ କରାଯାଇଥିଲା । ଦୟାନଦୀ ପ୍ରତିଭା ସମ୍ମାନରେ ସୁଶ୍ରୀ ବାବୁନି ସାହୁ (ମହିଳା ଚାଷି), ବିସ୍ମୟ ରାଉତ (ସ୍ୱୋଚ୍ଛାକୃତ ରକ୍ତଦାତା) ଶ୍ରୀ ବିଶ୍ୱଜିତ ମଲ୍ଲିକ (ସ୍ୱୋଚ୍ଛାକୃତ ରକ୍ତଦାତା), ଶ୍ରୀ ଶ୍ରୀକାନ୍ତ ମହାପାତ୍ର (ସ୍ୱୋଚ୍ଛାକୃତ ରକ୍ତଦାତା),ଶ୍ରୀ ନବ କିଶୋର ସାମ'ରାୟ (ସମାଜସେବୀ), ଶ୍ରୀ ଅଶୋକ କୁମାର ପଣ୍ଡା (ଯୁବ ସମାଜସେବୀ) ସମ୍ମାନୀତ କରାଯାଇଥିଲା । ଯେକୌଣସି ପ୍ରତିକୂଳ ପରିସ୍ଥିତରେ ମଧ କଠିନ ପରିଶ୍ରମ କରି ବିଭିନ୍ନ ଖବର, ଘଟଣା,ଦୁର୍ଘଟଣା କୁ ଗଣମାଧମ ଜରିଆରେ ଲୋକଙ୍କ ହୋତ ପାଇଁ ଜନସାଧାରଣ ଙ୍କ ପାଖରେ ପଂହଚାଉଥିଲେ । ବରି କଣ୍ଠଶିଳ୍ପୀ ଅନିଲ ବାଓ୍ୱାରା ଏବ ବିଶ୍ୱଶାନ୍ତ ଭଜନ ସଂନ୍ଧ୍ୟା ଦ୍ୱାରା ଭଜନ ପରିବେଷ ଦର୍ଶକଙ୍କ ଆମୋଦି କରିଥିଲ ଏବଂ ଅନୁଷ୍ଠାନ ତରଫରୁ ମାଗଣାରେ ମିଳୁଥିବ କଦଳ ବାସୁଙ୍ଗଙ୍କୁ ନେ ଶ୍ରଦ୍ଧାଳୁମାନେ ଭସାଇଥିଲେ । ସର୍ବଶେଷରେ ଦୟାନଦୀ ବୋଇତବନ୍ଦାଣ କମିଟିର ସଭ୍ୟ ଭକ୍ତ ଭୂଷଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଜ୍ଞା ନନ୍ଦ ସାଗର କାର୍ଯ୍ୟକ୍ରମକ ସଂଯୋଜନା କରିଥିବାବେଳେ ଏହି ଉତ୍ସବରେ 'କାପୋକ'ର ସମ୍ପାଦ ଚିତ୍ତ ରଞ୍ଜନ ମହାନ୍ତି, ସଭ୍ୟ ଦିଲ୍ଲିପ ନାୟକ , ବିଜୟ ସାମନ୍ତରାୟ, ରଶ୍ମିରଞ୍ଜି ଶ୍ରୀଚନ୍ଦନ, କ୍ଷୀରୋଦ ପ୍ରଧାନ, ମୁଥୁନ ନାୟକ, ସଂଘମିତ୍ରା ଦାସ, ପ୍ରଦୀପ ମହାନ୍ତି, ସୁବ୍ରତ ପାଇକରାୟ, ବିଶ୍ୱରଞ୍ଜନ ପାଇକରାୟ ପ୍ରମୁ ସହଯୋଗ କରିଥିଲେ ।

# ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

କେନ୍ଦ୍ରାପଡା (ପିଏନ)-ଜିଲ୍ଲା ସ୍ତରୀୟ ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଆମେ କିପରି ପ୍ରସ୍ତୁତ ହୋଇ ରହିବା ଓ ତାହାର ସମ୍ମୁଖିନ ହେବା ସେ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ । ଗୋଷ୍ଠିମାନଙ୍କୁ ସଶକ୍ତ କରି ବିପର୍ଯ୍ୟୟ ସମୟରେ କାର୍ଯ୍ୟରେ ଲଗାଇବା ଉଦ୍ଦେଶ୍ୟ ସମ୍ପର୍କରେ ସଚେତନତା କରାଯାଇଥିଲା । ସେହି ଶୋଭାଯାତ୍ରାକୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ ରାଉତ ପତାକା ଦେଖାଇ ଉଦଘାଟନ କରିଥିଲେ । ପରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲା ଜରୁରୀ ଅଧିକାରୀ ସମ୍ପିତ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ,ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ମହାପାତ୍ର,ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା.କିଶୋର ଚନ୍ଦ୍ର ଆଚାର୍ଯ୍ୟ,ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୧୯୯୯ ମହା ବାତ୍ୟାର ବିଭିଷିକା ସମ୍ପର୍କରେ ବର୍ଣ୍ଣନା କରି ଆଜି ପର୍ଯ୍ୟନ୍ତ ଓଡିଶାରେ ହୋଇଥିବା ହୁଡହୁଡ,ଫାଇଲିନ ପ୍ରଭୃତି ବାତ୍ୟାର ବିଭିଷିକା ଓ ଜିଲ୍ଲା ତଥା ରାଜ୍ୟ ସରକାରର ପ୍ରତିକାର ବ୍ୟବସ୍ଥା,ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗ ଦ୍ୱାରା ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟର ସଫଳ ରୂପାୟନ ସମ୍ପର୍କରେ ବର୍ଣ୍ଣନା କରି ଆମେ କେତେ ପ୍ରସ୍ତୁତ ସେ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଉକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା,ପ୍ରବନ୍ଧ,ଚିତ୍ରାଙ୍କନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବୀତରଣ କରାଯାଇଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାରତ ବାତ୍ୟା ସମୟର ଉଦ୍ଧାର କାର୍ଯ୍ୟର ଫଟୋଚିତ୍ରର ପ୍ରଦର୍ଶନ କରିଥିଲେ । "ଭାରତ"ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଉଦୟ ନାଥ ବେହେରା,ଆଳିର ମା ସରସ୍ୱତୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ,ଜୟ ଭାରତୀ ସାଥି ସମାଜ,ମହାକାଳପଡାର ରାଜୀବ ଗାନ୍ଧୀ ମେମୋରିଆଲର ପ୍ରତିନିଧି ପ୍ରମୁଖ ଯୋଗଦେଇଥିବା ବେଳେ ସହକାରୀ ଅଗ୍ନିସମ ଅଧିକାରୀ ବିରଭଦ୍ର ଟୁଡୁ,ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ,ବେସାମରିକ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ, ନିରଞ୍ଜନ ସାହୁ,ବିରଜା ପ୍ରସନ୍ନ ପତିଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ,ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବିମାନେ ଉପସ୍ଥିତ ଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେସକ ଚନ୍ଦ୍ରକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିଜିଟାଲ୍ ସମୁଦାୟ ନିମନ୍ତେ ଏହି ପାର୍ବଣ ଋତୁକୁ ସ୍ୱତନ୍ତ୍ର କଲା ଟିକ୍‌ଟକ୍ ଦୀପାବଳୀ

ଭୁବନେଶ୍ୱର: ଏହି ପାର୍ବଣ ଋତୁରେ ବିଶ୍ୱର ଅଗ୍ରଣୀ କ୍ଷୁଦ୍ର ଭିଡିଓ ପ୍ଲାଟଫର୍ମ ଟିକ୍‌ଟକ୍ ଏହାର ବ୍ୟବହାରକାରୀଙ୍କୁ ଦୀପାବଳୀ ପାଳନ କରିବା ଓ ସେମାନଙ୍କ ପ୍ରିୟ ଜନଙ୍କୁ ଏହାର ଶୁଭ କାମନା କରିବା ପାଇଁ ଏକ ସୃଜନଶୀଳ ମାର୍ଗ ପ୍ରଦାନ କରିଥିଲା । ଏହାର ବ୍ୟବହାରକାରୀଙ୍କ ଜୀବନର ସ୍ୱତନ୍ତ୍ର ମୂହୁର୍ତ୍ତଗୁଡ଼ିକୁ ଆହୁରି ଆନନ୍ଦମୟ କରିବା ପାଇଁ ଟିକ୍‌ଟକ୍ ଦୀପାବଳୀର ଏକ ଅଂଶ ଭାବରେ ଟିକ୍‌ଟକ୍ ଗୋଆଇବିବୋ ସହିତ ସହଯୋଗିତା କରିଛି, ଯେଉଁଥିରେ ସେ ଆକର୍ଷଣୀୟ ଭ୍ରମଣ ପ୍ୟାକେଜ୍ ପ୍ରଦାନ କରିଥିଲା । ଚଳିତ ବର୍ଷର ୧୯-୨୮ ଅକ୍ଟୋବର ପର୍ଯ୍ୟନ୍ତ ଏହି ୧୦ ଦିନର ଅଭିଯାନରେ ଟିକ୍‌ଟକ୍ ବ୍ୟବହାରକାରୀମାନେ ଟିକ୍‌ଟକ୍ ଦୀପାବଳୀ ବ୍ୟବହାର କରି ୧୧୮ ଲକ୍ଷ ଭିଡିଓ ସୃଷ୍ଟି କରି ସେୟାର କରିଥିଲେ, ଯାହା ଆପ୍‌ରେ ୧୬.୫ ବିଲିୟନରୁ ଉର୍ଦ୍ଧ୍ୱ ଭ୍ୟୁ ହାସଲ କରିପାରିଥିଲା । ଏହି ଐତିହାସିକ ସଫଳତାକୁ ଚିହ୍ନଟ କରିବା ପାଇଁ ଟିକ୍‌ଟକ୍ ବ୍ୟବହାରକାରୀମାନେ ଏକାକୀ ଦୀପାବଳି ଦିନ ୩.୩ ନିୟୁତ ଭିଡିଓ ଅପ୍‌ଲୋଡ଼ କରିଥିଲେ ।

ମୋଟ ଉପରେ ଟିକ୍‌ଟକ୍ ଦୀପାବଳି ଅଭିଯାନ ୧୫୦୦ରୁ ଅଧିକ ଲୋକପ୍ରିୟ ସୃଷ୍ଟିକର୍ତ୍ତା ଓ ୫୦ରୁ ଅଧିକ ସିନେ ତାରକା ସୃଷ୍ଟି କରିଛି, ଯେଉଁଥିରେ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍, ରିତେଶ ଓ ଜେନେଲିଆ ଦେଶମୁଖ, ରଣବିଜୟ ସିଂହ, କପିଲ ଶର୍ମା ପ୍ରମୁଖ ଏହି ପବିତ୍ର ଅବସରରେ ଭିଡିଓ ସେୟାର୍ କରି ଟିକ୍‌ଟକ୍ ବ୍ୟବହାରକାରୀଙ୍କୁ ଦୀପାବଳିର ଶୁଭକାମନା ଜଣାଇଥିଲେ । ଏହି ଅଭିଯାନର ଅଂଶ ଅନୁସାରେ ସବୁଠାରୁ ସୃଜନଶୀଳ ଗ୍ରିଟିଙ୍ଗ୍‌ସ ସୃଷ୍ଟି କରିଥିବା ବ୍ୟବହାରକରୀମାନେ ଗୋକ୍ୟାସ୍+ ପୁରସ୍କାର ପାଇଛନ୍ତି ଏବଂ ସେମାନଙ୍କୁ ଗୋଆଇବିବୋ ଦ୍ୱାରା ଘରୋଇ ଓ ଆନ୍ତର୍ଜାତୀୟ ଭ୍ରମଣ ପ୍ୟାକେଜ୍ ପ୍ରଦାନ କରାଯାଇଛି । ଏହି ସହଯୋଗିତା ୧୫୦ ଲକ୍ଷ ବ୍ୟବହାରକାରୀଙ୍କ ଅଂଶଗ୍ରହଣ ସୃଷ୍ଟି କରିଛି ଓ ୧୫ ଲକ୍ଷ ବ୍ୟବହାରକାରୀ ପୁରସ୍କାର ଭାବରେ ଗୋକ୍ୟାସ+ କୁପନ୍ ପାଇଛନ୍ତି ।

ଅତିରିକ୍ତ ଭାବରେ, ଟିକ୍‌ଟକ୍ ଏହାର ବ୍ୟବହାରକାରୀଙ୍କୁ ନୂଆଦିଲ୍ଲୀର ଆମ୍ବିଏନ୍ସ ମଲ୍ ଓ ବସନ୍ତ କୁଞ୍ଜରେ ବର୍ଦ୍ଧିତ ବାସ୍ତବତା (ଏଆର୍) ପରିଚାଳନା ଅନୁଭୂତି ଜୋନ୍ ପ୍ରସ୍ତୁତ କରି ଏକ ନୂତନ ସୁଯୋଗ ପ୍ରଦାନ କରିଛି, ଯାହା ସେମାନେ ଆଗରୁ କେବେ ପାଇ ନଥିବେ । ଏହି ବୁଥ୍ ଅତ୍ୟନ୍ତ ଲୋକପ୍ରିୟ ହୋଇଛି, ଯେଉଁଠାରେ ବ୍ୟବହାରକାରୀମାନେ ସ୍ୱତନ୍ତ୍ର ଓ ନୂତନ ଗ୍ରିଟିଙ୍ଗ୍‌ସ ତିଆରି କରିବା ନିମନ୍ତେ ହାତ ବଢ଼ାଇଛନ୍ତି । ଟିକ୍‌ଟକ୍ ସହ ଜଡ଼ିତ ହୁଅନ୍ତୁ ଏବଂ ଇନ୍-ଆପ୍ ଅଭିଯାନ ରେ ଯୋଗ ଦେଇ ଏହାର ପ୍ରତିଭାଶୀଳ ଗ୍ରାହକମାନଙ୍କ ସଂପ୍ରସାରିତ ସମୁଦାୟର ଏକ ଅଂଶ ହୁଅନ୍ତୁ ।

# ଜିଓଫୋନ ଦୀପାବଳି ଅଫରରେ ରେକର୍ଡ ବିକ୍ରି

ଭୁବନେଶ୍ୱର: ଗ୍ରାମାଚଂଳରେ ପ୍ରବଳ ଚାହିଦା ଓ ଜିଓଫୋନ ଦୀପାବଳି ଅଫରରେ ମାତ୍ର ୬୯୯ ଟଙ୍କାରେ ଏହାର ଅତି ସୁଲଭ ତଥା ସୁବିଧା ସୁଯୋଗରେ ପରିପୂର୍ଣ୍ଣ ଜିଓଫୋନର ରେକର୍ଡ ବିକ୍ରିକୁ ଦୃଷ୍ଟିରେ ରଖି ରିଲାଏନ୍ସ ଜିଓ ପକ୍ଷରୁ ଏହି ସ୍ୱତନ୍ତ୍ର ଉତ୍ସବ ଅଫରର ଅବଧି (ସମୟ)କୁ ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି ।

ଜିଓଫୋନର ଦଶହରାରୁ ଦୀପାବଳି ଅଫର ଦେଶର ଗ୍ରାମାଚଂଳ ଓ ଦୁର୍ଗମ ଅଂଚଳର ନିୟୁତାଧିକ ୨ଜି ଗ୍ରାହକଙ୍କୁ ଏକ ଡିଜିଟାଲ ଜୀବନକୁ ଗ୍ରହଣ କରିବା ଏବଂ ଏହି ଉତ୍ସବ ଅବସରରେ ଡିଜିଟାଲ ସମୃଦ୍ଧି ହାସଲ କରିବାରେ ସହାୟକ ହୋଇଛି । ଜିଓଫୋନ ଦୀପାବଳି ଅଫରରେ ବିଗତ ତିନି ସପ୍ତାହ ଭିତରେ ଜିଓଫୋନର ରେକର୍ଡ ବିକ୍ରି ହୋଇଛି । ସେଥିପାଇଁ ଜିଓ ତରଫରୁ ଏହି ଅଫରକୁ ଆଉ ଅଧିକ ଏକ ମାସ ଅର୍ଥାତ ନଭେମ୍ବର ଶେଷ ପର୍ଯ୍ୟନ୍ତ ଚାଲୁ ରଖିବାକୁ ନିଷ୍ପତି ନିଆଯାଇଛି । ଏହି ସଂପ୍ରସାରଣ ଜରିଆରେ ଜିଓ ଆଶା କରୁଛି ଯେ ଅନେକ ୨ଜି ଫିଚର ଫୋନ୍ ଗ୍ରାହକ ଜିଓଫୋନ୍ ପ୍ଲାଟଫର୍ମକୁ ଆସିପାରିବେ ଏବଂ ଏହା ଏକକ ସର୍ବବୃହତ ୪ଜି ଡିଭାଇସ ପ୍ଲାଟଫର୍ମର ମାନ୍ୟତା ଜାରି ରଖିବ ।

ଜିଓଫୋନ ଦୀପାବଳି ଅଫର ଜରିଆରେ ଦେଶର ଗ୍ରାମାଂଚଳ ଏବଂ ଆଭ୍ୟନ୍ତରୀଣ ତଥା ଦୁର୍ଗମ ଅଂଚଳରେ ବସବାସ କରୁଥିବା ନିୟୁତାଧିକ ଲୋକ ସୁଲଭ ଟେଲିଫୋନ ସଂଯୋଗ ହାସଲ କରି ଅତ୍ୟନ୍ତ ଉଲ୍ଲସିତ ହୋଇଛନ୍ତି ଯାହା ଏହି ଅଫରକୁ ବ୍ୟାପକ ଭାବରେ ସଫଳ କରିପାରିଛି କାରଣ ସେମାନେ ୪ଜି ଡିଜିଟାଲ ସେବାରେ ଯୋଗ ଦେଇ ଭିଡିଓ କଲିଂ, ଲାଇଭ ମ୍ୟୁଜିକ, ଟିଭି ଏବଂ ମନୋରଂଜନ ଆଦି ବହୁତ କିଛି ସେବାକୁ ଫୋନରେ ଉପଭୋଗ କରିପାରୁଛନ୍ତି । ଜିଓଫୋନର ପ୍ରବଳ ଲୋକପ୍ରିୟତାକୁ ବଳରେ ଜିଓ ପ୍ରତି ମାସରେ ଗ୍ରାମାଚଂଳରେ ନିୟୁତାଧିକ ଗ୍ରାମୀଣ ଗ୍ରାହକଙ୍କୁ ସାମିଲ ଜାରି ରଖିଥବା ବେଳେ ଗ୍ରାହକଙ୍କୁ ସୁଲଭ ସେବା ପ୍ରଦାନ କରିପାରୁନଥିବାରୁ ଅନ୍ୟ ଅପରେଟରମାନେ ନିୟୁତାଧିକ ଗ୍ରାହକ ହରାଉଛନ୍ତି । ଓଡ଼ିଶାର କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଭଳି ଜିଲ୍ଲାର ଦୁର୍ଗମ ଆଦିବାସୀ ଅଂଚଳ ହେଉ କିମ୍ବା ମଧ୍ୟ ପ୍ରଦେଶ, ଛତିଶଗଡ଼ କିମ୍ବା ଝାଡ଼ଖଣ୍ଡର ଅତ୍ୟନ୍ତ ଗ୍ରାମୀଣ ଏବଂ ପାହାଡ଼ିଆ ଅଂଚଳରେ ଜିଓଫୋନର ପ୍ରବଳ ଚାହିଦା ଓ ରେକର୍ଡ ବିକ୍ରି ଦେଖିବାକୁ ମିଳିଛି । ଏହା ଡିଜିଟାଲ ଅନ୍ତର୍ଭୁକ୍ତୀକରଣ ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରୁଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜିଓଫୋନ ଦୀପାବଳି ଅଫର ଗ୍ରାହକମାନଙ୍କୁ ଲୋକପ୍ରିୟ ତଥା ବ୍ୟାପକ ସୁବିଧା ସୁଯୋଗରେ ପରିପୂର୍ଣ୍ଣ ଜିଓଫୋନକୁ ୬୯୯ ଟଙ୍କା ଭଳି ସ୍ୱଳ୍ପ ମୂଲ୍ୟରେ ପ୍ରଦାନ କରୁଛି ଯାହା ଦ୍ୱାରା ସେମାନେ ଏହି ସ୍ୱତନ୍ତ୍ର ଉତ୍ସବ ଅଫର ଅବଧିରେ ସିଧାସଳଖ ୮୦୦ ଟଙ୍କାର ସଂଚୟ କରୁଛନ୍ତି । ଏହି ଅଫର ଅତିରିକ୍ତ ୭୦୦ ଟଙ୍କାର ଡାଟା ସୁବିଧା ପ୍ରଦାନ କରୁଛି ଫଳରେ ଜିଓଫୋନ ଗ୍ରାହକମାନେ ମନୋରଂଜନ, ପେମେଂଟ, ଇ-କମର୍ସ, ଶିକ୍ଷା, ଶିକ୍ଷଣୀୟ, ଟ୍ରେନ ଓ ବସ ବୁକିଙ୍ଗ ଏବଂ ଆହୁରି ବହୁତ କିଛିର ଏକ ଅଦେଖା ଦୁନିଆରେ ପ୍ରବେଶ କରିପାରୁଛନ୍ତି । ଗ୍ରାହକମାନେ କରୁଥିବା ପ୍ରଥମ ୭ଟି ରିଚାର୍ଜ (୯୯ ଟଙ୍କା ଲେଖାଏଁ ସାତ ଥର) ଉପରେ ଏହି ଅତିରିକ୍ତ ଡାଟା ପ୍ରଦାନ କରାଯାଉଛି ।

# ଉତ୍କୃଷ୍ଟ ବିନିର୍ମାଣରେ ହିରୋ ମୋଟୋକର୍ପ ନୂତନ ବେଂଚମାର୍କ ସେଟ କରିଛି

ଭୁବନେଶ୍ୱର-ବିଶ୍ୱର ବୃହତମ ମଟରସାଇକେଲ ଏବଂ ସ୍କୁଟର ନିର୍ମାଣକାରୀ ହିରୋ ମୋଟୋକର୍ପ ଉତରୀ ଭାରତୀୟ ପର୍ବତ୍ୟ ପ୍ରଦେଶ ଉତରାଖଣ୍ଡ ହରିଦ୍ୱାରରେ ଏହାର ବିନିର୍ମାଣ ସୁବିଧାରେ କ୍ରମବର୍ଦ୍ଧିଷ୍ଣୁ ଉତ୍ପାଦନରେ ୨୫ମିଲିୟନ ୟୁନିଟ ଅତିକ୍ରମରେ ଅସାଧାରଣ ଗୌରବ ଉପଲବ୍ଧ କରି ଏହାର ପ୍ରଶଂସନୀୟ ଯାତ୍ରାରେ ପୁଣି ଅନ୍ୟ ଏକ ମାଇଲ ଖୁଂଟ ଅତିକ୍ରମ କରିଛି । ଏପ୍ରିଲ ୨୦୦୮ରେ ଚାଲୁ କରାଯାଇଥିବା ବିନିର୍ମାଣ ସୁବିଧା ସଂଚାଳନର କେବଳ ୧୧ ବର୍ଷରେ ଏହି ମାଇଲ ଖୁଂଟ ଉପଲବ୍ଧ କରିଛି ଯାହା ଏକ ଉଦ୍ୟୋଗ ରେକର୍ଡ ଅଟେ । ଦୈନିକ ୯୫୦୦ ଯାନ ଉତ୍ପାଦନ କରିବା କ୍ଷମତା ସହିତ ସଂସ୍ଥାପିତ ହିରୋ ମୋଟୋକର୍ପର ହରିଦ୍ୱାର ସୁବିଧା ମଧ୍ୟ ବିଶ୍ୱର ବୃହତମ ଦୁଇ-ଚକିଆ ବିନିର୍ମାଣ ପ୍ଲାଂଟ ଅଟେ ।

ଏହି ଅବସରରେ କହିବାକୁ ଯାଇ ମିଷ୍ଟର ବିକ୍ରମ କାସେବକର, କାର୍ଯ୍ୟକାରୀ ନିର୍ଦ୍ଦେଶକ (ସଂଚାଳନ) ଏବଂ ମୁଖ୍ୟ ଜ୍ଞାନକୌଶଳ ଅଫିସର, ମୋଟୋକର୍ପ କହିଲେ, "ଏହା କେବଳ ହରିଦ୍ୱାର ବିନିର୍ମାଣ ପ୍ଲାଂଟ ପାଇଁ ହିଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଂଟ ନିହେଁ, ଏହା ସମଗ୍ର ସଂଗଠନ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ମୋଟୋକର୍ପରେ ଆମେ ପାଳନ କରୁଥିବା ବିନିର୍ମାଣ ପ୍ରଥା ସର୍ବଦା ଉଦ୍ୟୋଗରେ ଏକ ନୂତନ ବେଂଚମାର୍କ ସେଟ କରିଥାଏ । ଏହାର ସଂଚାଳନ ଚାଲୁହେବା ପରଠାରୁ ଏତେ କମ୍ ସମୟ ମଧ୍ୟରେ ଆମର ହରିଦ୍ୱାର ପ୍ଲାଂଟରେ ୨୫ମିଲିୟନ ଦୁଇ-ଚକିଆର ଉତ୍ପାଦନ ଟିମ ର ସମର୍ପଣ ଏବଂ ସକ୍ଷମତାର ସାକ୍ଷ୍ୟ ବହନ କରିଥାଏ । ଆମର ସମସ୍ତ ମୁଲ୍ୟବାନ ଗ୍ରାହକ, ଅଂଶିଦାର, ନିବେଶକ, ଉତରାଖଣ୍ଡ ରାଜ୍ୟ ସରକାର ଏବଂ ସମସ୍ତ ହିତଧାରକମାନଙ୍କର ଆମ ପ୍ରତି ନିରନ୍ତର ସମର୍ଥନ ଏବଂ ବିଶ୍ୱାସ ପାଇଁ ଆମେ ସେମାନଙ୍କ ପାଖରେ କୃତଜ୍ଞ ଅଟୁ ।"

ନିରନ୍ତରତା ଏପରେ ହିରୋ ମୋଟୋକର୍ପର ଧ୍ୟାନ କେନ୍ଦ୍ରିତ ରଖି ହରିଦ୍ୱାର ବିନିର୍ମାଣ ସୁବିଧାରେ ୪୫୦୦ ବର୍ଗ ମିଟର ବ୍ୟାପ୍ତ ବିଶ୍ୱର ବୃହତମ ସବୁଜ-ଛାତ କତାଯାଇଛି । ୧.୯୫ ମେଗା ୱାଟର ସୌର ଶକ୍ତି ପ୍ଲାଂଟ ଉତ୍ପନ୍ନ କରିଥାଏ, ତରଳ ନିର୍ଗମନ ଶୂନ୍ୟ ଏବଂ ବର୍ଷା ପାଣି ଅମଳ କରିବାକୁ ଏକ ହ୍ରଦ ରହିଛି ।




# ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କ ଦାବିରେ ବାଲେଶ୍ୱର ସହର ପ୍ରକମ୍ପିତ



ବାଲେଶ୍ୱର : ସହସ୍ରାଧିକ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ବାଲେଶ୍ୱର ରେଳଷ୍ଟେସନରୁ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମାକରି ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ସୋମବାର ଦିନ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଜିଲ୍ଲା ସମାଜମଙ୍ଗଳ ଅଧିକାରୀଣିଙ୍କ ବିରୁଦ୍ଧରେ ବିକ୍ଷୋଭ ସମାବେଶରେ ବାଲେଶ୍ୱର ଜିଲ୍ଲା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘର ନେତୃମଣ୍ଡଳୀ ଗର୍ଜିଥିଲେ। ଗର୍ଭବତୀ ମହିଳା ଓ ଶିଶୁଙ୍କ ସ୍ୱାର୍ଥପାଇଁ କେନ୍ଦ୍ର ସରକାର ଗତ ୧୯୭୫ ମସିହାରୁ ଏହି ଯୋଜନା ଦେଶବ୍ୟାପୀ କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଏହି ଯୋଜନାକୁ କାର୍ଯ୍ୟକାରୀ କରୁଥିବା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସରକାରୀ କର୍ମଚାରୀମାନଙ୍କ ପାଇଁ ଘୋଷିତ ସର୍ବନିମ୍ନ ୧୮ହଜାର ଟଙ୍କା ବେତନ ପ୍ରଦାନ କରୁନାହାନ୍ତି। ଚାକିରିରେ ଥିବାବେଳେ କିମ୍ବା ଅବସରପରେ ଏମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଉନଥିବା ସଂପର୍କରେ ବିକ୍ଷୋଭ ସମାବେଶରେ ବକ୍ତାମାନେ ଅଭିଯୋଗ କରିଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା କଥା ମନ୍ତ୍ରୀ ଓ ନେତାମାନେ ଭାଷଣ ଦେଉଥିବାବେଳେ ଭବିଷ୍ୟନିଧି ପାଣ୍ଠି ଓ ଇ.ଏସ୍.ଆଇ.ଭୁକ୍ତ କରାଯାଉନାହିଁ। ମହିଳା ଓ ଶିଶୁମାନଙ୍କୁ ନିର୍ଦ୍ଧାରିତମାନ ଓ ଗୁଣବତ୍ତାର ଖାଦ୍ୟ ଦିଆଯାଉନାହିଁ। ଉପରିସ୍ଥ ଅଧିକାରୀମାନେ ଟେଣ୍ଡର ପ୍ରକ୍ରିୟାରେ ଲକ୍ଷଲକ୍ଷ ଟଙ୍କା ଲାଞ୍ଚ ନେଉଥିବାର ଅଭିଯୋଗ ହେଉଛି। ଦରଦାମ୍ ହୁ ହୁ ହୋଇ ବଢୁଥିଲେ ମଧ୍ୟ ବଜାର ଦରରେ ଶିଶୁମାନଙ୍କୁ ଦିଆଯାଉଥିବା ଗରମ ରନ୍ଧାଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି କରାଯାଉନାହିଁ। ନୂତନ ନିଯୁକ୍ତି ଓ ପଦୋନ୍ନତିରେ ପାତର ଅନ୍ତର ନୀତି ଯୋଗୁଁ ଶହଶହ ମୋକଦ୍ଦମାରେ ସରକାରୀ ତହବିଲରୁ ଖର୍ଚ୍ଚ କରାଯାଉଛି। ବାଲେଶ୍ୱର ଜିଲ୍ଲାରେ ନୂତନ ଭାବେ ଦାୟିତ୍ୱ ନେଇଥିବା ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ କୌଣସି ସରକାରୀ ନିର୍ଦ୍ଦେଶକୁ ମାନୁନାହାନ୍ତି। ଶିଶୁମାନଙ୍କ ପୋଷାକ ବାବଦ ଅର୍ଥ ଅଙ୍ଗନୱାଡ଼ିକର୍ମୀଙ୍କ ଯୁଗ୍ମ ବ୍ୟାଙ୍କ୍ ବହିକୁ ପ୍ରଦାନ ବଦଳରେ ସ୍ୱୟଂସହାୟକ ଗୋଷ୍ଠୀଙ୍କ ନାମରେ ପୋଷାକ ବାବଦକୁ ଅର୍ଥ ପ୍ରଦାନ କରି ଲକ୍ଷାଧିକ ଟଙ୍କାର ଲାଞ୍ଚ ନେବାକୁ ଉଦ୍ୟମ ଜାରି ରଖିଛନ୍ତି। ସଂଘ ତରଫରୁ ଆନ୍ଦୋଳନ ନୋଟିସ୍ ଦିଆଯିବା ପରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଏକଘଣ୍ଟା ମଧ୍ୟରେ ୫/୭ଟି ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିବାର ଦର୍ଶାଇ କର୍ମୀମାନଙ୍କୁ ହଇରାଣ କରି ସଂଘକୁ ଦୁର୍ବଳ କରିବାକୁ ଅପଚେଷ୍ଟା ଚଳାଇଛନ୍ତି। ଆଜିର ସମାବେଶକୁ ଭଣ୍ଡୁର କରିବାପାଇଁ ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ଓ କେତେକ ସି.ଡି.ପି.ଓ.ମାନେ ପ୍ରବଳ ଉଦ୍ୟମ ଚଳାଇଥିଲେ। କିନ୍ତୁ ସଂଘର ଆହ୍ୱାନରେ ଆଜି ସମାବେଶ ସଫଳ ହୋଇଛି ବୋଲି ସଂଘ ତରଫରୁ କୁହାଯାଇଛି। ବସ୍ତାବ୍ଲକ୍‌ର ଜନୈକା ସୁପରଭାଇଜର ତାଙ୍କ ପୁରୁଷବନ୍ଧୁଙ୍କ ଜରିଆରେ ଅଙ୍ଗନୱାଡ଼ି କର୍ମୀମାନଙ୍କଠାରୁ ଲାଞ୍ଚ ଆଦାୟ କରୁଥିବା ସଂପର୍କରେ ସଂଘ ତରଫରୁ ଅଭିଯୋଗ କରାଯାଇଛି। ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ଛଅଟି ପ୍ୟାକେଜର କାର୍ଯ୍ୟ ନିର୍ଘଣ୍ଟ କରାଯାଇଥିବାବେଳେ ବହୁ ସରକାରୀ କାର୍ଯ୍ୟ ତୃଣମୂଳ ସ୍ତରରେ ଏମାନଙ୍କ ଦ୍ୱାରା କରାଯାଉଥିଲେ ମଧ୍ୟ ଅଧିକ କାର୍ଯ୍ୟପାଇଁ ଅଧିକ ଅର୍ଥ ପ୍ରଦାନ କରାଯାଉନାହିଁ। ଖାଦ୍ୟ ନିରାପତ୍ତା ଆଇନରେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ରେସନ୍ କାର୍ଡ଼ ଚିହ୍ନଟ ପ୍ରକ୍ରିୟାରେ ସହାୟତା କରିଥିବା କର୍ମୀମାନଙ୍କୁ ଉପଭୋକ୍ତାମାନଙ୍କଠାରୁ ରେସନ୍‌କାର୍ଡ଼ ପ୍ରଦାନ ବେଳେ ସଂଗୃହୀତ ଅର୍ଥକୁ କେତେକ ସି.ଡି.ପି.ଓ ଗତ ତିନିବର୍ଷ ଧରି ପ୍ରଦାନ କରିନାହାନ୍ତି। ସଂଘ ଏ ବିଷୟ ବହୁବାର ଦାବି କରିବା ପରେ କେତେକ ବ୍ଲକ୍‌ରେ ଏହା ପ୍ରଦାନ କରାଯାଇଥିଲେ ମଧ୍ୟ ସମସ୍ତ କର୍ମୀମାନଙ୍କୁ ଏହା ପ୍ରଦାନ କରାଯାଇନାହିଁ। ସହରାଞ୍ଚଳରେ ସରକାରୀ ଘର ନଥିବାବେଳେ ନିଜ ଘରେ କିମ୍ବା ଭଡ଼ାଘରେ କେନ୍ଦ୍ର ଚଳାଉଥିବା କର୍ମୀମାନଙ୍କୁ ଏବାବଦରେ ଅର୍ଥପ୍ରଦାନ କରାଯାଉନାହିଁ। କେତେକସ୍ଥାନରେ ନିର୍ମାଣାଧୀନ କେନ୍ଦ୍ରଗୃହ କାର୍ଯ୍ୟ ସଂପୂର୍ଣ୍ଣ ନହୋଇଥିଲେ ମଧ୍ୟ ସେହି ଗୃହରେ କେନ୍ଦ୍ର ଚଳାଇବାକୁ କର୍ମୀମାନଙ୍କୁ ବାଧ୍ୟ କରାଯାଉଛି। ରାଜନୈତିକ ହସ୍ତକ୍ଷେପ ଯୋଗୁଁ କେତେକ କର୍ମୀ ଓ ସହାୟିକାଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣି ସେମାନଙ୍କୁ ହଇରାଣ କରାଯାଉଛି।

ବିକ୍ଷୋଭସ୍ଥଳରୁ ସାଧାରଣ ସଂପାଦିକା ଗୌରୀ ଦାସଙ୍କ ନେତୃତ୍ୱରେ ସଂଘର ପ୍ରତିନିଧିମାନେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଅରୁଣା ତ୍ରିପାଠିଙ୍କୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ବସ୍ତା ବ୍ଲକ୍‌ର ପାଉଁଶକୁଲି ସେକ୍ଟରର ସୁପରଭାଇଜରଙ୍କୁ ତୁରନ୍ତ ବଦଳି ଦାବିରେ ଜିଲ୍ଲାପାଳ ଓ ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀଙ୍କୁ ଅନ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭ ସମାବେଶରେ ଏ.ଆଇ.ଟି.ୟୁ.ସି.ର ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବାବେଳେ ସଂଘ ତରଫରୁ ଆରତି ଦାସମହାପାତ୍ର, ରାଧାରାଣୀ ପଣ୍ଡା, ନିର୍ମଳା ପାଣିଗ୍ରାହୀ, ରାଜଲକ୍ଷ୍ମୀ ପଣ୍ଡା, ସବିତା ମଲ୍ଲିକ, ସବିତା ତ୍ରିପାଠୀ, ଜମ୍ବୁବତୀ ମହାନ୍ତି, ରେଣୁବାଳା ପାତ୍ର, କାଞ୍ଚନ ଦାସ, କଳ୍ପନା ଦାସ, ଅନୁସୂୟା ଦଳାଇ, ସୁକାନ୍ତି ମହାପାତ୍ର, ଜୟଶ୍ରୀ ରାଉତ, ତପସ୍ୱିନୀ ବିଶ୍ୱାଳ, ରିଙ୍କି ମଜୁମଦାର, ନମିତା ସାହୁ ଓ ସବିତା ପାଣ୍ଡିଆ ପ୍ରମୁଖ ସେମାନଙ୍କ ସମସ୍ୟା ଓ ଦାବି ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ.ଆଇ.ଟି.ୟୁ.ସି.ର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ସଂପାଦକ ମାୟାଧର ନାୟକ, ଉପସଂପାଦକ ଶ୍ୟାମସୁନ୍ଦର ଜେନା, ସି.ପି.ଆଇ.ର ଜିଲ୍ଲା ସଂପାଦକ ନିରଞ୍ଜନ ବାରିକ, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ସେଠୀ ପ୍ରମୁଖ ଦାବି ଓ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଥିଲେ। ଆସନ୍ତା ଜାନୁଆରୀ ୮ ତାରିଖ ସମସ୍ତ କେନ୍ଦ୍ରୀୟ ସଂଗଠନମାନଙ୍କ ଆହ୍ୱାନରେ କେନ୍ଦ୍ରସରକାରଙ୍କ ବିରୁଦ୍ଧରେ ୧୨ ଦଫା ଦାବିନେଇ ଭାରତ ବନ୍ଦ ଆନ୍ଦୋଳନକୁ ସଫଳ କରିବାକୁ ନେତାମାନେ ଆହ୍ୱାନ ଦେଇଥିଲେ। ଆସନ୍ତା ୮ ତାରିଖ ଦିନ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଘର କର୍ମକର୍ତ୍ତାମାନଙ୍କ ସହ ଆଲୋଚନା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ଉକ୍ତ ତାରିଖ ପର୍ଯ୍ୟନ୍ତ କୌଣସି ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷାକ ବଣ୍ଟନ ପ୍ରକ୍ରିୟା ବନ୍ଦ ରଖିବାକୁ ସଂଘର ସଂପାଦିକା ଗୌରୀ ଦାସ ଅବଗତ କରାଇଥିଲେ। ଯଦି ଆସନ୍ତା ୮ତାରିଖ ଆଲୋଚନା ବିଫଳ ହୁଏ ତେବେ ସମସ୍ତ ବ୍ଲକ୍ ସ୍ତରରେ ଆନ୍ଦୋଳନ ଜାରି ରହିବ ବୋଲି ସମାବେଶରେ ଘୋଷଣା କରାଯାଇଛି।

# ଠାକୁରମୁଣ୍ଡା-ରୁପସା ଏମଡ଼ିଆର-୭୦ ଜାତୀୟ ରାଜପଥର ମାନ୍ୟତା ଓ ପୂର୍ଣ୍ଣାଙ୍ଗକରଣ ନିମନ୍ତେ ସାଂସଦଙ୍କୁ ଦାବିପତ୍ର ପ୍ରଦାନ

ବାରିପଦା: ବାରିପଦା ସହରର ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ତୁଳସୀଚଉରା ଛକ ନିକଟରେ ଥିବା ଭାରତୀୟ ଜନତା ପାର୍ଟିର ମୟୂରଭଞ୍ଜ ଲୋକସଭା ସାଂସଦଙ୍କ କାର୍ଯ୍ୟାଳୟରେ ସାଂସଦ ଇଂ ବିଶ୍ୱେଶର ଟୁଡୁଙ୍କୁ ଆଜି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକରୁ ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଜିଲ୍ଲାବାସୀଙ୍କ ଗମନାଗମନର ସୁବିଧା ନିମନ୍ତେ ପଟଂପୀଢ଼ ଉପଖଣ୍ଡର ଠାକୁରମୁଣ୍ଡାଠାରୁ ବାଲେଶ୍ୱର ଜିଲ୍ଲାର ରୁପସା ଭାୟା କପ୍ତିପଦା ଉପଖଣ୍ଡର ଡଙ୍ଗାଡ଼ିହା, ପୋଡ଼ାଡ଼ିହା , ଉଦଳା, ବାରିପଦା ଉପଖଣ୍ଡର ମାଣିତ୍ରୀ, ବୈଶିଙ୍ଗା ମଧ୍ୟ ଦେଇ ଯାଇଥିବା ଏମଡ଼ିଆର-୭୦ ରାସ୍ତାକୁ ଜାତୀୟ ରାଜପଥର ମାନ୍ୟତା ପ୍ରଦାନ ସହ ପୂର୍ଣ୍ଣାଙ୍ଗକରଣ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜେଏସ ଜାମଡ଼ାହି ଗ୍ରାମପଂଚାୟତର ସରପଂଚ ଜୟରାମ ମାର୍ଣ୍ଡି ଓ ପୂର୍ବତନ ସରପଂଚ ମୋହନ ଦାସ, ରଘୁ ସିଂ, ରାଜେଶ କୁମାର ନାୟକ, ଓମ୍ ପ୍ରକାଶ ମହାନ୍ତି, ନୁଦଡ଼ିହା ଗ୍ରାମପଂଚାୟତର ପୂର୍ବତନ ସରପଂଚ ନାରାୟଣ ମାର୍ଣ୍ଡି, କୁକୁରଡ଼ିମାର ବିକାଶ ରଞ୍ଜନ ନାୟକ, ନନ୍ଦୁରସାହିର ପ୍ରଦୀପ କୁମାର ରାଉତ, ସରୋଜ କୁମାର ମହାନ୍ତି, ପିତାମ୍ବର ବେହେରା, ସହଦେବ ବାରିକ, ହାଡ଼ିବନ୍ଧୁ ନାୟକ, ଠେବଲ ସିଂ ପ୍ରମୁଖ ଉପସ୍ଥିତ ରହି ସାଂସଦ ଶ୍ରୀଟୁଡୁଙ୍କୁ ଦାବିପତ୍ର ପ୍ରଦାନ କରିଥିବା ବେଳେ ଉଦଳା ବିଧାୟକ ଭାସ୍କର ମଢ଼େଇ, ବଡ଼ସାହି ବିଧାୟକ ସନାତନ ବିଜୁଳି ପ୍ରମୁଖଙ୍କ ସହ ପଟଂପୀଢ଼, କପ୍ତିପଦା ଓ ବାରିପଦା ଉପଖଣ୍ଡର ବହୁ ନିର୍ବାଚିତ ଜନପ୍ରତିନିଧି ସୁପାରିଶ ଏବଂ ଶତାଧିକ ଜନସାଧାରଣ ସ୍ୱାକ୍ଷର ପ୍ରଦାନ କରିଥିବାର ଜଣାପଡିଛି ।

# ମୟୂରଭଞ୍ଜ ସରକାରୀ ଠିକାଦାର ଆସୋସିଏସନ ପକ୍ଷରୁ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ

ବାରିପଦା: ସୋମବାର ପୂର୍ବାହ୍ନ ୧୧ଟା ସମୟରେ ମୟୂରଭଞ୍ଜ ସରକାରୀ ଠିକାଦାର ଆସୋସିଏସନ ପକ୍ଷରୁ ମୁଖପାତ୍ର ସତ୍ୟରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଦୀପ କୁମାର ପାତ୍ର, ସଞ୍ଜୟ ଅଗ୍ରୱାଲା, ତରୁଣ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ନନ୍ଦ କିଶୋର, ସୁବାଷ ଚନ୍ଦ୍ର ମଣ୍ଡଳ, ଶିବ ଶଙ୍କର ସାହୁ, ମହେନ୍ଦ୍ର ସିଂ, ଅରୁଣ ସରକାର, ମଙ୍ଗଳ ଭୌମିକ, ସୁଦାମ ଗିରି, ସତ୍ୟେନ୍ଦ୍ର ପ୍ରସାଦ, ଶଙ୍କର କର, ପ୍ରିୟବ୍ରତ ଦାସ, ସ୍ୱରୂପ ମହାପାତ୍ର, ତାପସ ସାହୁ, ରବୀନ୍ଦ୍ର ପାଢ଼ୀ, ତ୍ରିଲୋଚନ ଗିରି, ସନ୍ତୋଷ ସାହୁ, ଅମର ପଟ୍ଟନାୟକ, ରଞ୍ଜିତ ସାହୁ, ସୁବ୍ରତ ପାତ୍ର, ସନ୍ଦୀପ ପତି, ଅଶୋକ ବେହେରା, ଶ୍ରବଣ ଗୋପ, ଗୋପାଳ ପାତ୍ର, ରାଜୀବ ଜେନା ପ୍ରମୁଖ ଗ୍ରାମ୍ୟ ଉନ୍ନୟନ ଓ କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଚଳିତ ନଭେମ୍ବର ୧ ଠାରୁ ୨୦୧୪ରେ ସ୍ଥିରିକୃତ ସିଡ୍ୟୁଲ ରେଟକୁ ୨୦୧୯ରେ ବର୍ଦ୍ଧିତ ମୂଲ୍ୟ ଭିତିରେ ପୁନଃ ଆକଳନ କରାଯିବା, ଭାରତ ସରକାରଙ୍କ ଷ୍ଟାଣ୍ଡାର୍ଡ଼ ଡ଼ାଟା ବୁକର ତୁରନ୍ତ ପ୍ରଚଳନ କରାଯିବା, ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା, ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ପ୍ରଚଳିତ ୧୪.୯୯ ଲେସ ପ୍ରଥା ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରାଯିବା, ଉଚ୍ଚ ନ୍ୟାୟାଳୟ ଦ୍ୱାରା ବର୍ଦ୍ଧିତ ମୂଲ୍ୟ ସମ୍ପର୍କିତ ନିର୍ଦ୍ଦେଶନାମା ଅନୁସାରେ ଠିକାଦାରମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବା, ଶ୍ରମିକମାନଙ୍କ ମଜୁରୀର ଉଚିତ ନିର୍ଦ୍ଧାରଣ ସହ ଠିକାଦାରମାନଙ୍କୁ ତତ୍‌ସମ୍ପର୍କିତ ପ୍ରାପ୍ୟ ପ୍ରଦାନ କରାଯିବା, ତେଲେଙ୍ଗାନା ସରକାରଙ୍କ ନୀତି ଅନୁଯାୟୀ ଜିଏସଟି ପାଇଁ ୧୦ ପ୍ରତିଶତ ଅଧିକ ପ୍ରାପ୍ୟ ପ୍ରଦାନ କରାଯିବା, କୌଣସି ବାହ୍ୟ ସର୍ତ ବ୍ୟତୀତ କେବଳ ଲାଇସେନ୍ସ କ୍ଷମତା ଅନୁସାରେ କାର୍ଯ୍ୟାଦେଶ ପ୍ରଦାନ କରାଯିବା, ପୂର୍ବ ବ୍ୟବସ୍ଥା ଅନୁସାରେ ବିଭିନ୍ନ ସଂଚୟ ପତ୍ର ମାଧ୍ୟମରେ ସିକ୍ୟୁରିଟି ପ୍ରଦାନ କରାଯିବା ଏବଂ ବ୍ୟବସ୍ଥା ନଥାଇ ନିର୍ମାଣ ସାମଗ୍ରୀ ପରିବହନ ସମୟରେ ଅନୁମତି ପତ୍ର ଏବଂ ରୟାଲିଟି ରସିଦ୍ ଦାଖଲ ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରାଯିବା ଆଦି ୧୦ ଦଫା ଦାବି ପୂରଣ ନିମନ୍ତେ ଆସୋସିଏସନ ପକ୍ଷରୁ ଜିଲ୍ଲାରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଆସୁଥିବା ସମୟରେ ଆଜି ଗ୍ରାମ୍ୟ ଉନ୍ନୟନ ଓ କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଛି।

# ଜାମୁଝାଡି ବାସୁଦେବପୁର ଓ ଧାମରା ରାସ୍ତା ପାଲଟିଛି ମରଣଯନ୍ତା

ବାଲେଶ୍ୱର, : ଓଡିଶାର ପ୍ରମୁଖ ରାସ୍ତା ୧୬ନଂ ଜାତୀୟ ରାଜପଥ ଜାମୁଝାଡି ଛକଠାରୁ ବାସୁଦେବପୁର ଦେଇ ଧାମରା ପର୍ଯ୍ୟନ୍ତ ଲମ୍ବିଥିବା ପିଡବ୍ଲ୍ୟୁଡି ରାସ୍ତା ଏବେ ମରଣଯନ୍ତା ପାଲଟିଛି । ବିଶେଷ କରି ଝାମୁଝାଡିରୁ ବେତଡା ଓ ବାସୁଦେବପୁର ପାଇଁ ମାତ୍ର ୧୪ କିମି ରାସ୍ତା ଏବେ ଖାଲଖମାରେ ଭରପୁର ହୋଇଛି । ଏଥିପାଇଁ ଅଧିକାଂଶ ସମୟରେ ଦୁର୍ଘଟଣାମାନ ଘଟିବାରେ ଲାଗିଛି । ବିଶେଷ କରି ରାସ୍ତା ଉପରୁ ପିଚୁ ଉଠିଯିବା ଫଳରେ ରାସ୍ତାଟି ଯାଦୁଆ ରୋଗରେ ଆକ୍ରାନ୍ତ ବୋଲି ଜଣାପଡୁଛି । ଯାହା ଫଳରେ ଦୁଇ ଚକିଆ ଯାନ ଠାରୁ ଆରମ୍ଭ କରି ଭାରି ଯାନ ପର୍ଯ୍ୟନ୍ତ ସମସ୍ତ ଯାନ ବିପଦଜନକ ସ୍ଥିତିରେ ଚଳାଚଳ କରୁଛି । ଏହି ରାସ୍ତା ୧୯୭୩-୭୪ ମସିହାରେ ଉନ୍ନତମାନର ରାସ୍ତାର ମାନ୍ୟତା ପାଇଥିଲା । କାରଣ ଏହି ରାସ୍ତା ଧାମରା ବନ୍ଦରକୁ ସଂଯୋଗ କରୁଛି । ଧାମରା ବନ୍ଦରରେ ଯଥାକ୍ରମେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ନିଳମଣୀ ରାଉତରାୟ ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଫଳକ ଲାଗିଥିଲା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବନ୍ଦର ଉଦ୍‌ଘାଟନର ଫଳକ ମଧ୍ୟ ଲାଗିଛି । ବର୍ତ୍ତମାନ ଏହି ବନ୍ଦରର ମାଲିକାନା ଆଦାନୀ ହାତରେ ଥିଲା ବେଳେ ପୂର୍ବରୁ ଏଲଏଣ୍ଡଟି ଦ୍ୱାରା ବନ୍ଦର ନିର୍ମାଣ ପାଇଁ ଉକ୍ତ ରାସ୍ତା ଦେଇ ଭାରୀ ଯାନ ଚଳାଚଳ କରୁଥିଲା । ଫଳରେ ରାସ୍ତାର ବିଭିନ୍ନ ସ୍ଥାନ ଦବି ଯିବା ଫଳରେ ତାହା ଖାଲଖମାରେ ପରିଣତ ହୋଇଛି । ହଜାର ହଜାର ସଂଖ୍ୟାରେ ସାଧାରଣ ଯାନ ଓ ଭାରୀଯାନ ଚଳାଚଳ କରୁଥିବା ଯୋଗୁଁ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡିଛି । ୫ ବର୍ଷ ପୂର୍ବେ ପୂର୍ତ୍ତ ବଭାଗ ଦ୍ୱା ଏହି ରାସ୍ତାର ପୂର୍ନବିନ୍ୟାସ କରାଯାଇଥିଲା । ଏଥିରେ ନିୟୋଜିତ ଠିକାଦାର, ତତ୍କାଳୀନ ନେତା ଓ ଅଫିସରମାନେ ମାଲେମାଲ୍ ହୋଇଥିଲା ବେଳେ ରାସ୍ତାର ଦୂରାବସ୍ଥା କହିଲେ ନସରେ । ଏବେ ଯେଉଁ ପରିମାଣରେ ଗମନାଗମନ ପାଇଁ ପରିସ୍ଥିତି ଉପୁଜିଛି ତାହା ଭବିଷ୍ୟତରେ ଆହୁରି ବିପଦଜନକ ହୋଇପଡିବାର ଆଶଙ୍କା ଦେଖାଦେଇଛି । ତେଣୁ ରାସ୍ତାର ମରାମତି ଓ ପୁର୍ନବିନ୍ୟାସ ଏକାନ୍ତ ଜରୁରୀ ହୋଇପଡିଛି । ପୂର୍ତ୍ତ ବିଭାଗ ତରଫରୁ ରାସ୍ତାର ମରାମତି ନାମରେ କୋଟିକୋଟି ଟଙ୍କା ହଡପ ହେଉଥିଲା ବେଳେ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡୁଛି । ଏଥିପ୍ରତି ବିଭାଗୀୟ କର୍ମକର୍ତ୍ତାଙ୍କର ଦୃଷ୍ଟି ଆକର୍ଷଣ ପାଇଁ ବିଭିନ୍ନ ସମୟରେ ଅଞ୍ଚଳବାସୀଙ୍କ ତରଫରୁ ଆନ୍ଦୋଳନ ଡାକରା ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ।

## ଲେଗ୍ରାଣ୍ଡ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରରେ ରିଟେଲ ରୋଡସୋ'ର ଶୁଭାରମ୍ଭ



ଭୁବନେଶ୍ୱର : ଇଲେକ୍ଟ୍ରିକାଲ୍ ଓ ଡିଜିଟାଲ୍ ବିଲଡିଂ ଭିତିଭୂମି କ୍ଷେତ୍ରର ବିଶ୍ୱ ସ୍ତରୀୟ ଅଗ୍ରଣୀ ସଂସ୍ଥା ଲେଗ୍ରାଣ୍ଡ ଇଣ୍ଡିଆ ପକ୍ଷରୁ ଏହାର ଚାରି ମାସିଆ ଲମ୍ବା ରୋଡ ସୋ'କୁ ଭୁବନେଶ୍ୱରରେ ଶୁଭାରମ୍ଭ କରାଯାଇଛି। ଏହି ରୋଡ ସୋ'ରେ ନୂଆ ବର୍ଗର ଲିନ୍‌କସ୍ ସ୍ୱିଚ ଓ ଡୁଓ ବକ୍ସଗୁଡ଼ିକୁ ପ୍ରଦର୍ଶିତ କରାଯିବ ଯାହା ଜରିଆରେ ଏହି ସଂସ୍ଥା ଅଂଶୀଦାରଙ୍କ ମଧ୍ୟରେ ଏହାର ଉତ୍ପାଦ ବର୍ଗମାଳା ବିଷୟରେ ସଚେତନତା ସୃଷ୍ଟି କରିପାରିବ। ଏହି ରୋଡ ସୋ' ଜରିଆରେ ଖୁଚୁରା କ୍ଷେତ୍ରରେ ଲେଗ୍ରାଣ୍ଡ ବଡ଼ ଧରଣର ବଜାର ଅଂଶ ହାସଲ କରିବାକୁ ଯୋଜନା ରଖିଛି। ଲେଗ୍ରାଣ୍ଡ ପାଇଁ ଓଡ଼ିଶା ହେଉଛି ଏକ ପ୍ରମୁଖ ବଜାର। ଏହି ଅଭିଯାନ ଜରିଆରେ କଂପାନି ଏହାର ଉପସ୍ଥିତିକୁ ଦ୍ୱିତୀୟ ଶ୍ରେଣୀର ଅଂଚଳରେ ବଢାଇବାକୁ ଲକ୍ଷ୍ୟ ରଖିଛି।

ଲେଗ୍ରାଣ୍ଡର ଖୁଚୁରା ରୋଡ ସୋ'ରେ ବିଭିନ୍ନ ପ୍ରକାରର ସ୍ୱିଚ ଓ ସକେଟ ଯଥା ଆର୍ଟେଅର, ମାଇରିଅସ, ମାଇଲିଙ୍କ୍ ଏବଂ ବ୍ରିଟଜି ଏସ୍ ଏବଂ ସୁରକ୍ଷା ଉପକରଣ ଆରଏକ୍ସ୩ ଆଦିକୁ ପ୍ରଦର୍ଶିତ କରାଯିବ। ଲେଗ୍ରାଣ୍ଡର ସ୍ୱିଚ ଓ ସୁରକ୍ଷା ଉପକରଣ ଖଂଜାଯାଇଥିବା ମୋଟ ୫ଟି ଭ୍ୟାନ ପାଖାପାଖି ୪୯ଟି ସହର ପରିକ୍ରମା କରିବ, ଯାହା ଚାରି ମାସ ଭିତରେ ୧୫୦୦ରୁ ଅଧିକ ରିଟେଲ କାଉଂଟରରେ ପହଂଚିବ। ଏହା ରିଟେଲର ଏବଂ ଇଲେକ୍ଟ୍ରିସିଆନ୍‌ଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ସେମାନଙ୍କୁ ଟଚ୍ ସ୍ୱିଚ ଓ ଅଭିନବ ଉତ୍ପାଦକୁ ଜାଣିବାର ସୁଯୋଗ ପ୍ରଦାନ କରିବ ଯାହା ଲେଗ୍ରାଣ୍ଡର ଦର୍ଶନ ସହଜରେ ସ୍ଥାପନ ଓ ସହଜରେ ବ୍ୟବହାର ସହିତ ଠିକ ଭାବେ ଖାପଖାଉଛି। ବିଭିନ୍ନ ସହରରେ ଏହି ଭ୍ୟାନଗୁଡ଼ିକର ଉପସ୍ଥିତି ଗ୍ରାହକ, ରିଟେଲ ନେଟୱର୍କ ଓ ଇଲେକ୍ଟ୍ରିସିଆନ୍‌ଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିବାରେ ସହାୟକ ହେବ। ଏହି ଭ୍ୟାନ ଓଡ଼ିଶା, ମଧ୍ୟ ପ୍ରଦେଶ, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଦିଲ୍ଲୀ, ପଂଜାବ, ରାଜସ୍ଥାନ, ଉତର ପ୍ରଦେଶ, ଉତରାଖଣ୍ଡ, କର୍ଣ୍ଣାଟକ, ଗୁଜରାଟ, ମହାରାଷ୍ଟ୍ର ଓ ଆସାମ ପରିକ୍ରମା କରିବ। ଶ୍ରୀଯୁକ୍ତ ସମୀର ସକ୍ସେନା, ନିର୍ଦ୍ଦେଶକ, ମାର୍କେଟିଂ (ଗ୍ରୁପ), ଲେଗ୍ରାଣ୍ଡ ଇଣ୍ଡିଆ କହିଛନ୍ତି ଯେ, 'ରିଟେଲ ରୋଡ ସୋ'ରେ ଆମେ ଲେଗ୍ରାଣ୍ଡର ବ୍ୟାପକ ବର୍ଗର ଉତ୍ପାଦ ଉପରେ ସଚେତନତା ସୃଷ୍ଟି କରିବା ଏବଂ ନୂତନ ଲିନ୍‌କସ୍ ସ୍ୱିଚ ଓ ଡୁଓ ବକ୍ସ ଡିଷ୍ଟ୍ରିବ୍ୟୁସନ ବୋର୍ଡକୁ ଉପସ୍ଥାପିତ କରିବା ଉପରେ ଧ୍ୟାନ ଦେଉଛୁ।

# ପଥର ବୋଝେଇ ଟ୍ରାକ୍ଟରକୁ ଜବଦ କଲା ଘଟଗାଁ ବନ ବିଭାଗ



କେନ୍ଦୁଝର(ପିଏନ) : ଘଟଗାଁ ବନାଂଚଳ ଅଧିନସ୍ଥ ମଶିଣାବିଲା ରିଜର୍ଭ ଫରେଷ୍ଟ ଭିତରୁ ଆଜି ଅପରାହ୍ନରେ ପଥର ଚାଲାଣ କରୁଥିବା ଏକ ଟ୍ରାକ୍ଟର ଜବଦ କରିଛି ଘଟଗାଁ ବନ ବିଭାଗ । ଖବର ଅନୁସାରେ ଆଜି ଅପରାହ୍ନରେ ଘଟଗାଁ ବନ ବିଭାଗ ଅଧିନସ୍ଥ ମଶିଣାବିଲା ରିଜର୍ଭ ଫରେଷ୍ଟ ଭିତରୁ ଏକ ଟ୍ରାକ୍ଟର ଅତି ଚତୁରତାର ସହିତ ପ୍ରଥମେ ଫରେଷ୍ଟ ଭିତରୁ ଅଧାରୁ ଅଧିକ ପଥର ଲୋଡ କରିବା ପରେ ନିକଟସ୍ଥ କୁକୁରକଟା ନଦି କୂଳରେ ପଥର ଉପରେ ବାଲି ଲୋଡ କରୁଥିବା ଖବର କୌଣସି ମତେ ଘଟଗାଁ ବନ ବିଭାଗ ପାଇଥିଲା । ପଥର ଉପରେ ବାଲି ଲୋଡ କରୁଥିବା ସମୟରେ ଘଟଗାଁ ବନାଂଚଳ ଅଧିକାରୀ ଘଟଣାସ୍ଥଳରେ ପହଂଚି ପଥର ବୋଝେଇ ଟ୍ରାକ୍ଟରକୁ ଜବଦ କରିଥିବା ଘଟଗାଁ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ ବିଗତ ଅନେକ ବର୍ଷରୁ ଘଟଗାଁ ଅଂଚଳରେ ପଥର, ବାଲି ଏବଂ ମାଟି ମାଫିଆଙ୍କ ଦୌରାତ୍ମ ବଢିବାରେ ଚାଲିଥିଲା । କିନ୍ତୁ ଚଳିତ ବର୍ଷ ଗତ କିଛି ଦିନ ହେବ ଘଟଗାଁ ବନ ବିଭାଗ ଏବଂ ତହସିଲଦାରଙ୍କ ମିଳିତ ଚଢଉରେ ପଥର, ବାଲି ଏବଂ ମାଟି ଚୋର ମାନଙ୍କର ନିଦ ହଜିଯାଇଛି । ସୂଚନା ଯୋଗ୍ୟ ଗତକାଲି ଘଟଗାଁ ଅତିରିକ୍ତ ତହସିଲଦାର ଦୁଇ ଦୁଇଟି ଟ୍ରାକ୍ଟରକୁ ଫାଇନ କରିଥିବା ବେଳେ ଆଜି ଘଟଗାଁ ବନାଂଚଳ ଅଧିକାରୀ ଅଶୋକ କୁମାର ନାୟକ ଗୋଟିଏ ପଥର ବୋଝେଇ ଟ୍ରାକ୍ଟର ଜବଦ କରିଛି । ତେବେ ଘଟଗାଁ ବନ ବିଭାଗ ଏବଂ ତହସିଲଦାରଙ୍କ ଏଭଳି ପଥର, ବାଲି ଏବଂ ମାଟି ଚୋର ମାନଙ୍କ ପ୍ରତି ଉଚିତ କାର୍ଯ୍ୟନୁଷ୍ଠାନ ନିଆଯାଉଥିବା ଘଟଣା ବର୍ତମାନ ଘଟଗାଁ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ତହସିଲଦାର ଏବଂ ବନାଂଚଳ ଅଧିକାରୀଙ୍କ ଏତାଦଶ କାର୍ଯ୍ୟକୁ ଭୁଇୟସି ପ୍ରଶଂସା କରିଛନ୍ତି ।

# ଭିଭୋ ଜେଡ୧ପ୍ରୋ ହେଲା ଶସ୍ତା

ଭୁବନେଶ୍ୱର- ବିଶ୍ୱର ଅଭିନବ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ପକ୍ଷରୁ ଜେଡ୧ପ୍ରୋ ମୂଲ୍ୟରେ ୨୦୦୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ କରିବାକୁ ଘୋଷଣା କରାଯାଇଛି। ଗତ ଜୁଲାଇ ମାସରେ ଲଂଚ ହୋଇଥିବା ଜେଡ୧ପ୍ରୋ ଅନଲାଇନ କେନ୍ଦ୍ରିତ ଜେଡ ଶୃଙ୍ଖଳାର ପ୍ରଥମ ସ୍ମାର୍ଟଫୋନ। ଏହାର ତିନୋଟି ସଂସ୍କରଣ ୪ଜିବି+୬୪ଜିବି, ୬ଜିବି+୬୪ଜିବି ଏବଂ ୬ଜିବି+୧୨୮ଜିବି ସ୍ମାର୍ଟଫୋନ ଆକର୍ଷଣୀୟ ସୋନିକ ବ୍ଲୁକ ଓ ସୋନିକ ବ୍ଲୁ ରଙ୍ଗ ରେ ଉପଲବ୍ଧ ।ଜେଡ୧ପ୍ରୋ ର ୪ଜିବି+୬୪ଜିବି ସ୍ମାର୍ଟଫୋନର ମୂଲ୍ୟରେ ୧୦୦୦ ଟଙ୍କା ହ୍ରାସ କରାଯାଇ ୧୩୯୯୦ ରଖାଯାଇଥିବା ବେଳେ ୬ଜିବି+୬୪ଜିବି ଏବଂ ୬ଜିବି+୧୨୮ଜିବି ମୂଲ୍ୟରେ ୨୦୦୦ ଟଙ୍କା ଲେଖାଏଁ ହ୍ରାସ କରାଯାଇ ଯଥାକ୍ରମେ ୧୪୯୯୦ ଏବଂ ୧୫୯୯୦ ଟଙ୍କା ରଖାଯାଇଛି ।ଭିଭୋ ଜେଡ୧ପ୍ରୋ ହ୍ୟାଣ୍ଡସେଟର ପରିବର୍ତିତ ମୂଲ୍ୟ ଫ୍ଲିପକାର୍ଟ ଓ ଭିଭୋ ଇଣ୍ଡିଆ ଷ୍ଟୋର ରେ ଲାଗୁ କରାଯାଇଛି। ଏହାଛଡା ଜେଡ୧ପ୍ରୋ ଗ୍ରାହକ ମାନଙ୍କୁ ଆକର୍ଷଣୀୟ ଅଫର ଓ ଇଏମଆଇ ସୁବିଧା ପ୍ରଦାନ କରାଯାଉଛି। ଭିଭୋ ଜେଡ୧ପ୍ରୋ ସ୍ମାର୍ଟଫୋନ ରେ ଶକ୍ତିଶାଳୀ କ୍ୱାଲକମ ସ୍ନାପଡ୍ରାଗନ ୭୧୨ ସହ ଏଆଇ ଇଞ୍ଜିନ, ୩୨ଏମପି ଇନ ଡିସ୍‌ପ୍ଲେ ସେଲଫି କ୍ୟାମେରା ଏବଂ ବିଶାଳ ୫୦୦୦ଏମଏଏଚ ବ୍ୟାଟେରୀ ସହ ୧୮ଡବ୍ଲୁ ଫାଷ୍ଟ ଚାର୍ଜ, ଏଆଇ ଟ୍ରିପଲ ରିୟର କ୍ୟାମେରା, ୧୬ଏମପି ପ୍ରାଇମେରୀ କ୍ୟାମେରା, ୮ଏମପି ସୁପର ୱାଇଡ ଆଙ୍ଗଲ କ୍ୟାମେରା ଓ ୨ଏମପି ଡେପ୍‌ଥ କ୍ୟାମେରା ବ୍ୟବହାର କରାଯାଉଛି ।

# ଡିଜିଟାଲ୍ ସମୁଦାୟ ନିମନ୍ତେ ଏହି ପାର୍ବଣ ଋତୁକୁ ସ୍ୱତନ୍ତ୍ର କଲା ଟିକ୍‌ଟକ୍ ଦୀପାବଳୀ

ଭୁବନେଶ୍ୱର: ଏହି ପାର୍ବଣ ଋତୁରେ ବିଶ୍ୱର ଅଗ୍ରଣୀ କ୍ଷୁଦ୍ର ଭିଡିଓ ପ୍ଲାଟଫର୍ମ ଟିକ୍‌ଟକ୍ ଏହାର ବ୍ୟବହାରକାରୀଙ୍କୁ ଦୀପାବଳୀ ପାଳନ କରିବା ଓ ସେମାନଙ୍କ ପ୍ରିୟ ଜନଙ୍କୁ ଏହାର ଶୁଭ କାମନା କରିବା ପାଇଁ ଏକ ସୃଜନଶୀଳ ମାର୍ଗ ପ୍ରଦାନ କରିଥିଲା। ଏହାର ବ୍ୟବହାରକାରୀଙ୍କ ଜୀବନର ସ୍ୱତନ୍ତ୍ର ମୁହୂର୍ତ୍ତଗୁଡ଼ିକୁ ଆହୁରି ଆନନ୍ଦମୟ କରିବା ପାଇଁ ଟିକ୍‌ଟକ୍ ଦୀପାବଳୀର ଏକ ଅଂଶ ଭାବରେ ଟିକ୍‌ଟକ୍ ଗୋଆଇବିବୋ ସହିତ ସହଯୋଗିତା କରିଛି, ଯେଉଁଥିରେ ସେ ଆକର୍ଷଣୀୟ ଭ୍ରମଣ ପ୍ୟାକେଜ୍ ପ୍ରଦାନ କରିଥିଲା। ଚଳିତ ବର୍ଷର ୧୯-୨୮ ଅକ୍ଟୋବର ପର୍ଯ୍ୟନ୍ତ ଏହି ୧୦ ଦିନର ଅଭିଯାନରେ ଟିକ୍‌ଟକ୍ ବ୍ୟବହାରକାରୀମାନେ ଟିକ୍‌ଟକ୍ ଦୀପାବଳୀ ବ୍ୟବହାର କରି ୧୧୮ ଲକ୍ଷ ଭିଡିଓ ସୃଷ୍ଟି କରି ସେୟାର କରିଥିଲେ, ଯାହା ଆପ୍‌ରେ ୧୬.୫ ବିଲିୟନରୁ ଉର୍ଦ୍ଧ୍ୱ ଭ୍ୟୁ ହାସଲ କରିପାରିଥିଲା । ଏହି ଐତିହାସିକ ସଫଳତାକୁ ଚିହ୍ନଟ କରିବା ପାଇଁ ଟିକ୍‌ଟକ୍ ବ୍ୟବହାରକାରୀମାନେ ଏକାକୀ ଦୀପାବଳି ଦିନ ୩.୩ ନିୟୁତ ଭିଡିଓ ଅପଲୋଡ଼ କରିଥିଲେ। ମୋଟ ଉପରେ ଟିକ୍‌ଟକ୍ ଦୀପାବଳି ଅଭିଯାନ ୧୫୦୦ରୁ ଅଧିକ ଲୋକପ୍ରିୟ ସୃଷ୍ଟିକର୍ତ୍ତା ଓ ୫୦ରୁ ଅଧିକ ସିନେ ତାରକା ସୃଷ୍ଟି କରିଛି, ଯେଉଁଥିରେ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍, ରିତେଶ ଓ ଜେନେଲିଆ ଦେଶମୁଖ, ରଣବିଜୟ ସିଂହ, କପିଲ ଶର୍ମା ପ୍ରମୁଖ ଏହି ପବିତ୍ର ଅବସରରେ ଭିଡିଓ ସେୟାର୍ କରି ଟିକ୍‌ଟକ୍ ବ୍ୟବହାରକାରୀଙ୍କୁ ଦୀପାବଳିର ଶୁଭକାମନା ଜଣାଇଥିଲେ। ଏହି ଅଭିଯାନର ଅଂଶ ଅନୁସାରେ ସବୁଠାରୁ ସୃଜନଶୀଳ ଗ୍ରିଟିଙ୍ଗ୍‌ସ ସୃଷ୍ଟି କରିଥିବା ବ୍ୟବହାରକରୀମାନେ ଗୋକ୍ୟାସ୍+ ପୁରସ୍କାର ପାଇଛନ୍ତି ଏବଂ ସେମାନଙ୍କୁ ଗୋଆଇବିବୋ ଦ୍ୱାରା ଘରୋଇ ଓ ଆନ୍ତର୍ଜାତୀୟ ଭ୍ରମଣ ପ୍ୟାକେଜ୍ ପ୍ରଦାନ କରାଯାଇଛି। ଏହି ସହଯୋଗିତା ୧୫୦ ଲକ୍ଷ ବ୍ୟବହାରକାରୀଙ୍କ ଅଂଶଗ୍ରହଣ ସୃଷ୍ଟି କରିଛି ଓ ୧୫ ଲକ୍ଷ ବ୍ୟବହାରକାରୀ ପୁରସ୍କାର ଭାବରେ ଗୋକ୍ୟାସ+ କୁପନ୍ ପାଇଛନ୍ତି। ଅତିରିକ୍ତ ଭାବରେ, ଟିକ୍‌ଟକ୍ ଏହାର ବ୍ୟବହାରକାରୀଙ୍କୁ ନୂଆଦିଲ୍ଲୀର ଆମ୍ବିଏନ୍ସ ମଲ୍ ଓ ବସନ୍ତ କୁଞ୍ଜରେ ବର୍ଦ୍ଧିତ ବାସ୍ତବତା (ଏଆର୍) ପରିଚାଳନା ଅନୁଭୂତି ଜୋନ୍ ପ୍ରସ୍ତୁତ କରି ଏକ ନୂତନ ସୁଯୋଗ ପ୍ରଦାନ କରିଛି, ଯାହା ସେମାନେ ଆଗରୁ କେବେ ପାଇ ନଥିବେ। ଏହି ବୁଥ୍ ଅତ୍ୟନ୍ତ ଲୋକପ୍ରିୟ ହୋଇଛି, ଯେଉଁଠାରେ ବ୍ୟବହାରକାରୀମାନେ ସ୍ୱତନ୍ତ୍ର ଓ ନୂତନ ଗ୍ରିଟିଙ୍ଗ୍‌ସ ତିଆରି କରିବା ନିମନ୍ତେ ହାତ ବଢ଼ାଇଛନ୍ତି। ଟିକ୍‌ଟକ୍ ସହ ଜଡ଼ିତ ହୁଅନ୍ତୁ ଏବଂ ଇନ୍-ଆପ୍ ଅଭିଯାନ ରେ ଯୋଗ ଦେଇ ଏହାର ପ୍ରତିଭାଶୀଳ ଗ୍ରାହକମାନଙ୍କ ସଂପ୍ରସାରିତ ସମୁଦାୟର ଏକ ଅଂଶ ହୁଅନ୍ତୁ।

# ୟୁପିଆଇରେ କାରବାର ୨୦୧୯ ଅକ୍ଟୋବରରେ ୧୦୦ କୋଟି ଟପିଲା

ନୂଆଦିଲ୍ଲୀ: ନ୍ୟାସନାଲ ପେମେଂଟ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ) ପକ୍ଷରୁ ଘୋଷଣା କରାଯାଇଛି ଯେ ୨୦୧୯ ଅକ୍ଟୋବର ମାସରେ ୟୁନିଫାଏଡ ପେମେଂଟ ଇଟଂରଫେସ (ୟୁପିଆଇ) କାରବାର ପରିମାଣ ୧୦୦ କୋଟିର ମାଇଲଖୁଂଟ ସ୍ତର ଅତିକ୍ରମ କରିଛି। ୨୦୧୯ ଅକ୍ଟୋବରରେ ୧୧୫ କୋଟି ୟୁପିଆଇ କାରବାର ହୋଇଛି। ୨୦୧୯ ସେପ୍ଟେମ୍ବରରେ ୟୁପିଆଇ କାରବାର ପରିମାଣ ୯୬ କୋଟି ଥିଲା। ସେହିପରି ୨୦୧୯ ଅକ୍ଟୋବର ମାସରେ ୟୁପିଆଇ ଜରିଆରେ ମୋଟ ୧ ଲକ୍ଷ ୯୧ ହଜାର କୋଟି ଟଙ୍କାର କାରବାର ହୋଇଛି ଯାହା ୨୦୧୯ ସେପ୍ଟେମ୍ବରର ୧.୬୧ ଲକ୍ଷ କୋଟି ଟଙ୍କା କାରବାର ଠାରୁ ଅଧିକ।

"ସାରା ଦେଶରେ ଡିଜିଟାଲ କାରବାରର ଗ୍ରହଣୀୟତାକୁ ବଢୁଥିବା ଜାଣିବା ବେଶ ଉତ୍ସାହଜନକ। ୟୁପିଆଇର ସମ୍ପୂର୍ଣ୍ଣ ପେମେଂଟ ପରିବେଶ ବିଶେଷ କରି ବ୍ୟାଙ୍କ ଏବଂ ତୃତୀୟ ପକ୍ଷ ପେମେଂଟ ଆପ ଏବଂ ଡିଜିଟାଲ ପେମେଂଟ ଉପରେ ସରକାର ଓ ଆରବିଆଇର ନିରନ୍ତର ନୀତି ଭିତିକ ସମର୍ଥନର ସଫଳ ସ୍ୱରୂପ ଏହି ଉଲ୍ଲେଖନୀୟ ସଫଳତା ମିଳିଛି ବୋଲି ଦିଲ୍ଲୀପ ଆସବେ, ଏମଡି ଓ ସିଇଓ, ଏନପିସିଆଇ କହିଛନ୍ତି।

"ଆମର ଉଦ୍ଦେଶ୍ୟ ସବୁ ବେଳେ ଡିଜିଟାଲ ପେମେଂଟ ଭିତିଭୂମିର ଗ୍ରହଣୀୟତାକୁ ବଢ଼ାଇବା, ତେଣୁ ସରକାର ଓ ଆରବିଆଇର କମ ନଗଦ ଭିତିକ ଲକ୍ଷ୍ୟକୁ ହାସଲ କରିବା ଏବଂ ୟୁପିଆଇର ଗ୍ରହଣୀୟତାକୁ ବଢ଼ାଇବା ଲାଗି ଡିଜିଟାଲ କାରବାର ପ୍ରତି ଆଗେଇ ଆସିବାକୁ ଆମେ ଗ୍ରାହକଙ୍କୁ ଉତ୍ସାହିତ କରୁଛୁ।

ୟୁପିଆଇର ଗ୍ରହଣୀୟତାକୁ ବଢ଼ାଇବା ଲାଗି ସେଥିରେ ପି୨ପିଏମ କାରବାର ପ୍ରକାର ଏବଂ ଆଇପିଓ ଆଦିକୁ ବ୍ୟବହାର କରାଯାଇଛି। ୟୁପିଆଇ ୨.୦ ରେ ଓଭରଡ୍ରାଫ୍ଟ ଲିଙ୍କ କରିବା, ୱାନ ଟାଇମ ମ୍ୟାନଡେଟ, ଇନଭଏସ ଇନ ଦି ଇନବକ୍ସ, ସାଇଟ ଇନଟେଂଟ ଓ କ୍ୟୁଆର ଭଳି ସୁବିଧା ପ୍ରଦାନ କରାଯାଇଛି। ବର୍ତମାନ ୟୁପିଆଇରେ ୧୪୨ଟି ବ୍ୟାଙ୍କ ଅଛନ୍ତି। ତିନି ବର୍ଷ ପୂର୍ବେ ଆରମ୍ଭ ହେବା ବେଳକୁ ଏଥିରେ ୨୧ଟି ବ୍ୟାଙ୍କ ଥିଲେ।

## ଜଳସେଚନ ବିଭାଗର ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର: ହୀରାକୁଦ, ରାଉରକେଲା ଓ ଭୁବନେଶ୍ୱର ଠାରେ କାର୍ଯ୍ୟ ସଂପାଦନ କରିଥିବା ରାମନାରାୟଣ ମହାନ୍ତି, ମେକାନିକାଲ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ନୀତିଗତ ଅନିୟମିତତା ଓ ଟେଣ୍ଡର ଫିକ୍ସିଂ ମାଧ୍ୟମରେ କେତେକ ସଂସ୍ଥାକୁ ଅନୁଗ୍ରହ ପ୍ରକାଶ କରି ରାଜ୍ୟ ସରକାରଙ୍କ ଆର୍ଥିକ କ୍ଷତି କରିବା ସହ ନିଜ ସ୍ୱାର୍ଥ ପାଇଁ କାର୍ଯ୍ୟ କରିଥିବା ଅଭିଯୋଗ ଉପରେ ରାଜ୍ୟ ଭିଜିଲାନ୍ସ ବିଭାଗର ତଦନ୍ତ ଚାଲୁ ରହିଛି ଓ ଓଡିଶା ହାଇକୋର୍ଟରେ ମଧ୍ୟ ଏକ ମାମଲା ରୁଜୁ ହୋଇଛି ବୋଲି ପିସ୍ ପ୍ରାଇଡ୍ ପ୍ରୋଜେକ୍ଟର ତତ୍ତ୍ୱାଧିକାରୀ ମନୋରଞ୍ଜନ ସାହୁ ଅଭିଯୋଗ କରିଛନ୍ତି । ରାମନାରାୟଣ ମହାନ୍ତିଙ୍କ ନାମରେ ପ୍ରାୟ ଶହେକୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଲୋକାୟୁକ୍ତଙ୍କ ନିକଟରେ ଶ୍ରୀ ସାହୁ ଅଭିଯୋଗ ଆଗତ କରିଥିବା ଜଣାଯାଇଛି । ବଡ଼ ଆଶ୍ଚର୍ଯ୍ୟର ବିଷୟ ଜଣେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଥିବା ସତ୍ତ୍ୱେ ତାଙ୍କୁ ଅଧିକ୍ଷଣ ଯନ୍ତ୍ରୀ ଭାବେ ପଦୋନ୍ନତି ଦିଆଯାଇଛି । ଶ୍ରୀ ମହାନ୍ତିଙ୍କ କାର୍ଯ୍ୟକାଳ ତା ୨୪/୧/୨୦୧୦ ଠାରୁ ତା ୧୦/୩/୨୦୧୮ ମଧ୍ୟରେ ଯୋବ୍ରା ଓ ମୁଣ୍ଡୁଳି ମେକାନିକାଲ ଡିଭିଜନରେ ୧୦୨ଟି ଗେଟ୍ ତିଆରିରେ ନିମ୍ନମାନର କଞ୍ଚାମାଲ ବ୍ୟବହାର କରାଯାଇ ବହୁ ମୁନାଫା ଉଠାଇଥିବା ଅଭିଯୋଗ ହୋଇଛି । ମହାନ୍ତିଙ୍କ ଆର୍ଥିକ ଚାପରେ ପଡି ଜଳସଂପଦ ବିଭାଗର ପଦୋନ୍ନତି କମିଟିର ସଭ୍ୟମାନେ ତାଙ୍କୁ ମେକାନିକାଲ ଚିଫ୍ ଇଂଜିନିୟର ଭାବେ ଅବସ୍ଥାପିତ କରିବାକୁ ଯାଉଛନ୍ତି ବୋଲି ଅଭିଯୋଗ ହେଉଛି । ରାଜ୍ୟରେ ସ୍ୱଚ୍ଛ ଶାସନ ଦ୍ୱାହି ଦେଉଥିବା ନବୀନ ସରକାରଙ୍କ ଅଧିକାରୀମାନେ ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଥିବା ଜଣାପଡିଛି । ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜଳସେଚନ ମନ୍ତ୍ରୀ,ଜଳସେଚନ ସଚିବ ଓ ଭିଜିଲାନ୍ସ ବିଭାଗର ମହାନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପଦୋନ୍ନତି କମିଟିର ସଭ୍ୟମାନଙ୍କୁ ଜଣାଇଥିବା ଜଣାଯାଇଛି । ଶ୍ରୀ ମହାନ୍ତିଙ୍କ ସମୟରେ ସରକାରୀ ୱାର୍କସପ୍‌ରେ କାର୍ଯ୍ୟ କରାଯାଇଛି ବୋଲି ଦର୍ଶାଯାଇଥିଲ ମଧ୍ୟ ଦାୟିତ୍ୱରେ ଥିବା ଅଧିକାରୀମାନେ ଉକ୍ତ ୱାର୍କସପ୍‌ରେ କୌଣସି କାର୍ଯ୍ୟ ହୋଇନାହିଁ ବୋଲି ଆର.ଟି.ଆଇ ଆକ୍ଟ ଜରିଆରେ ମଗାଯାଇଥିବା ତଥ୍ୟରୁ ଜଣାପଡ଼ିଛି । ବିନା ଟେଣ୍ଡରରେ ବିଭାଗୀୟ କାର୍ଯ୍ୟ ଦର୍ଶାଯାଇ ବିନା କାମରେ ୧୫ କୋଟି ଟଙ୍କାର ବିଲ ପୈଠ ହୋଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି । ଶ୍ରୀ ମହାନ୍ତିଙ୍କ ନାମରେ ପ୍ରାୟ ୭୨ଟି ଅଭିଯୋଗ ସହ ଦୁର୍ନୀତି ନିବାରଣ ବିଭାଗ ଓ ଓଡିଶା ହାଇକୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଥିବା ବେଳେ ତାଙ୍କୁ କିଭଳି କେଉଁ ଆଧାରରେ ପ୍ରମୋଶନ ଦିଆଗଲା ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । । ଏହା ଉପରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି ।

## ବାଲେଶ୍ୱରରେ ଜୁଗନୋ ଅଟୋ ରିକ୍ସା ସେବାର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ସର୍ବବୃହତ ଅଟୋ ଏଗ୍ରିଗେଟର ଜୁଗନୋ ତରଫରୁ ବାଲେଶ୍ୱରରେ ଜୁଗନୋ ଅଟୋ ଆଣ୍ଡ ଟ୍ୟାକ୍ସି ସେବାର ଶୁଭାରମ୍ଭ କରାଯାଇଛି । କଂପାନି ସହରବାସୀଙ୍କୁ ସୁଲଭ ମୂଲ୍ୟରେ ଭରସାଯୋଗ୍ୟ ଗମନାଗମନ ସୁବିଧା ପ୍ରଦାନ କରିଛି । ଜୁଗନୋ ଆପ ଜରିଆରେ ଯାତ୍ରୀମାନେ ନିଜ ଯାତାୟାତ ଓ ଗମନାଗମନର ବୁକିଙ୍ଗ ଅତି ସହଜରେ କରିପାରିବେ । ବର୍ତମାନ ସାରା ଦେଶର ୫୦ରୁ ଅଧିକ ସହରରେ ଜୁଗନୋର ୫୦ ହଜାରରୁ ଅଧିକ ଟାକ୍ସି ଓ ଅଟୋ ଚଳାଚଳ କରୁଛିୟ ଯାତ୍ରୀମାନେ ଟାକ୍ସି ଓ ବାଇକ ସେବା ଉପରେ ଫ୍ଲାଟ ୫୦ ପ୍ରତିଶତ କ୍ୟାସବ୍ୟାକ ପାଇପାରିବେ । ଅଟୋ ଯାତ୍ରାରେ ପ୍ରଥମ ୪ କିମିକୁ ଫ୍ଲାଟ ୪୯ ଟଙ୍କାରେ ହାସଲ କରିହେବ । କଂପାନି ତରଫରୁ ବହୁତ ପରୀକ୍ଷାନିରୀକ୍ଷା କରିବା ପରେ ଡ୍ରାଇଭରମାନଙ୍କୁ ସାମିଲ କରାଯାଉଛି । ଆପ ଜରିଆରେ ଯାତ୍ରୀମାନେ ଡ୍ରାଇଭରଙ୍କ ସମସ୍ତ ଜରୁରୀ କାଗଜପତ୍ରକୁ ଦେଖିପାରିବେ ।ଏହି ଅବସରରେ ସମର ସିଙ୍ଗଲା, ସିଇଓ ଓ ପ୍ରତିଷ୍ଠାତା, ଜୁଗନୋ କହିଛନ୍ତି ଯେ, ଜୁଗନୋ ସବୁ ବେଳେ ଏହାର ଗ୍ରାହକଙ୍କୁ ବ୍ୟାପକ ବର୍ଗର ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ । ଆମେ ସବୁ ବେଳେ ଲୋକଙ୍କ ସୁବିଧା ଅନୁସାରେ ବ୍ୟବସାୟ ମଡେଲ ବିକଶିତ କରୁଛୁ ଯାହା ଯାତାୟାତ ହେଉ କିମ୍ବା ହାଇପର ଲୋକାଲ ଆବଶ୍ୟକତା ହେଉ । ବାଲେଶ୍ୱରରେ ଅଟୋ ଓ ଟାକ୍ସି ସେବା ଆରମ୍ଭ କରିବା ସହିତ ଆମେ ଆମର ବର୍ଦ୍ଧିତ ଗ୍ରାହକଙ୍କୁ ସୁଲଭ ମୂଲ୍ୟର ଗମନାଗମନ ବିକଳ୍ପ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ । ଅଧିକ ଗଣତାନ୍ତ୍ରିକ ହେବା ଏବଂ ଦେଶରେ ନିଜର ସ୍ଥିତି ସୁଦୃଢ଼ କରିବା ଲାଗି ଜୁଗନୋର ବ୍ୟାପକ ଯୋଜନା ରହିଛି ।ବର୍ତମାନ ଦେଶର ୫୦ରୁ ଅଧିକ ସହରରେ ଜୁଗନୋ ସେବା ଉପଲବ୍ଧ ହେଉଥିବା ବେଳେ ଏହା ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହର ଉପରେ ଅଧିକ ଗୁରୁତ୍ୱ ଦେଉଛି ।

## କିର୍ଲୋସ୍କର ଗ୍ରୁପ୍ ପକ୍ଷରୁ ଭାରତର ପ୍ରଥମ ତୈଳ ମୁକ୍ତ ସେଂଟ୍ରିଫୁଗାଲ୍ କମ୍ପ୍ରେସର ସହିତ ଚିଲର୍‌ର ସିରିଜ୍ ଉନ୍ମୋଚିତ; ନିରନ୍ତର ବିକାଶ ଦିଗରେ ଏକ ପଦକ୍ଷେପ



ଭୁବନେଶ୍ୱର: କିର୍ଲୋସ୍କର୍ ଗ୍ରୁପର ଅଂଶ କିର୍ଲୋସ୍କର୍ ଚିଲର୍ସ ହେଉଛି ବର୍ତମାନ ଭାରତରେ ହିଂଟିଂ, ଭେଂଟିଲେସନ, ଏୟାର କଣ୍ଡିସନିଂ ଏବଂ ରେଫ୍ରିଜରେସନ୍ (ଏଚ୍‌ଭିଏସି ଆଣ୍ଡ ଆର୍) ସମାଧାନ ପ୍ରଦାନ କରୁଥିବା ଏକ ଅଗ୍ରଣୀ ସଂସ୍ଥା । କଂପାନି ପକ୍ଷରୁ ନିକଟରେ ଏକ ନୂଆ ବର୍ଗର ୱାଟର୍ କୁଲଡ୍ ଚିଲର୍ସକୁ ଉନ୍ମୋଚନ କରାଯାଇଛି ଯେଉଁଥିରେ ଭାରତର ପ୍ରଥମ ତୈଳ ମୁକ୍ତ ମ୍ୟାଗ୍ନେଟିକ୍ ବିୟରିଂ ସେଂଟ୍ରିଫୁଗାଲ୍ କମ୍ପ୍ରେସର୍ ବ୍ୟବହାର କରାଯାଇଛି । ଏହାକୁ ମୁମ୍ବାଇ ଠାରେ ଏକ କାର୍ଯ୍ୟକ୍ରମରେ ଉନ୍ମୋଚନ କରାଯାଇଛି । ମ୍ୟାଗ୍ନେଟିକ୍ ଲେଭିଟେସନ୍ ପ୍ରଯୁକ୍ତିକୁ ବ୍ୟବହାର କରି କମ୍ପ୍ରେସର୍ ପ୍ରସ୍ତୁତି ଓ ଉତ୍ପାଦନ କରିବାର ବୈଷୟିକ ଅଭିଜ୍ଞତା ସହିତ ଏଭଳି ପ୍ରଯୁକ୍ତି ପ୍ରଦାନ କରୁଥିବା ବିଶ୍ୱର କିଛି ହାତ ଗଣତି ନିର୍ମାତାଙ୍କ ମଧ୍ୟରେ କିର୍ଲୋସ୍କର ଚିଲର୍ସ ସାମିଲ ହୋଇଛି । ଏହି ପ୍ରଯୁକ୍ତି, ସାଧାରଣରେ ଏବଂ ବିଶେଷ କରି ଚିଲର୍ସରେ ଆସ'। କିଛି ବର୍ଷ ଭିତରେ ପୂର୍ଣ୍ଣାୟମାନ ଉପକରଣରେ ପ୍ରାଧାନ୍ୟ ବିସ୍ତାର କରିବାର ପ୍ରତିବଦ୍ଧତା ପ୍ରଦାନ କରୁଛି ।ପାରମ୍ପରିକ ବିୟରିଂ ତୁଳନାରେ ମ୍ୟାଗ୍ନେଟିକ୍ (ଚୁମ୍ବକୀୟ) ବିୟରିଂକୁ କମ୍ପ୍ରେସରରେ ବ୍ୟବହାର କରିବାର ଲାଭ ଉପରେ କଂପାନି ଗୁରୁତ୍ୱାରୋପ କରିଛି । କେନ୍ଦ୍ରୀୟ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାର ଏକ ଅଂଶ ହେଉଛି ଚିଲର୍ସ ଏବଂ ଏହାର ଚାହିଦା ବିଭିନ୍ନ ପ୍ରକାର କ୍ଷେତ୍ରରେ ଉଭୟ ବାଣିଜ୍ୟିକ (ହୋଟେଲ, ହସ୍ପିଟାଲ୍, ମଲ୍, ବିମାନ ବନ୍ଦର ଏବଂ ସୂଚନା ପ୍ରଯୁକ୍ତି କ୍ଷେତ୍ର) ଏବଂ ଶିଳ୍ପରେ ପ୍ରୟୋଗରେ (ଫାର୍ମାସ୍ୟୁଟିକାଲ୍, ଅଟୋମୋବାଇଲ୍, ବୟନ ଶିଳ୍ପ, ରାସାୟନିକ ଶିଳ୍ପ ଏବଂ ଏଫ୍‌ଏମ୍‌ସିଜି) ରହିଛି । ଏହି କାର୍ଯ୍ୟକ୍ରମ ଅବସରରେ ଶ୍ରୀଯୁକ୍ତ ରାହୁଲ କିର୍ଲୋସ୍କର, ଉପାଧ୍ୟକ୍ଷ, କିର୍ଲୋସ୍କର ଗ୍ରୁପ୍ କହିଛନ୍ତି ଯେ, 'ଭାରତରେ ସବୁଜ ଅଭିଯାନ ପ୍ରତି କିର୍ଲୋସ୍କର ଚିଲର୍ସ ପ୍ରତିବଦ୍ଧ ଏବଂ ଏହା ବଜାରକୁ ଅଧିକରୁ ଅଧିକ ଶକ୍ତି ମିତବ୍ୟୟୀ ଓ ପରିବେଶ ମିତବ୍ୟୟୀ ଉତ୍ପାଦ ପ୍ରଦାନ କରିବାକୁ ଉଦ୍ୟମ ଜାରି ରଖିଛି । ନୂତନ ଭାବେ ନିର୍ମାଣ କରାଯାଇଥିବା ୪୦୦-୧୨୦୦ ଟିଆର୍ (ଟନ୍ ଅଫ୍ ରେଫ୍ରିଜରେସନ୍) ମ୍ୟାଗ୍ନେଟିକ୍ ବିୟରିଂ ସେଂଟ୍ରିଫୁଗାଲ୍ ଚିଲର୍ସକୁ ଯୋଗ କରାଯିବା ପରେ କିର୍ଲୋସ୍କର ଚିଲର୍ସ ମୋଦୀ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଦର୍ଶନର ପ୍ରସାର କରୁଛି ।'' ଉତ୍ପାଦ ଉନ୍ମୋଚନ ସମାରୋହରେ ସେ କିର୍ଲୋସ୍କର ଚିଲର୍ସ ପ୍ରାଇଭେଟ୍ ଲିମିଟେଡ୍ (କେସିପିଏଲ୍)ର ବିଗତ ଦୁଇ ଦଶନ୍ଧୀର ସଫଳତା ଉପରେ ଆଲୋକପାତ କରିଥିଲେ । ହାଇଡ୍ରୋ-ଫ୍ଲୁରୋକାର୍ବନ (ଏଚ୍‌ଏଫ୍‌ସି) ୧୩୪ଏ ସେଂଟ୍ରିଫୁଗାଲ୍ ଚିଲର୍ସ ଉତ୍ପାଦନ କରିବାରେ କେସିପିଏଲ୍ ଭାରତରେ ପ୍ରଥମ । ଏୟର କଣ୍ଡିସନିଂ, ହିଟିଂ ଆଣ୍ଡ ରେଫ୍ରିଜରେସନ୍ ଇନଷ୍ଟିଚ୍ୟୁଟ୍ (ଏଏଚ୍‌ଆରଆଇ) ଦ୍ୱାରା ସାର୍ଟିଫିକେଟ୍ ପ୍ରାପ୍ତ ଚିଲର୍ସକୁ ଭାରତରେ ଉପସ୍ଥାପନ କରିବାରେ ମଧ୍ୟ ଏହା ହେଉଛି ପ୍ରଥମ ନିର୍ମାତା । କେସିପିଏଲ୍ ତରଫରୁ ପ୍ରଥମ ତଥା ବର୍ତମାନ ସୁଦ୍ଧା ଏଏଚ୍‌ଆର୍‌ଆଇ ସାର୍ଟିଫାଏଡ୍ ସର୍ବବୃହତ ପରୀକ୍ଷାଗାର ଭାରତରେ ସ୍ଥାପନ କରାଯାଇଛି ଏବଂ ଲୋ ଗ୍ଲୋବାଲ୍ ୱାର୍ମିଂ ପୋଟେନ୍‌ସିଆଲ (ଜିଡବ୍ଲୁପି) ହାଇଡ୍ରୋଫ୍ଲୁରୋ-ଓଲେଫିନ୍ (ଏଚ୍‌ଏଫ୍‌ଓ) ରେଫ୍ରିଜରାଂଟ୍‌କୁ ବ୍ୟବହାର କରି ସ୍କ୍ରୁ ଚିଲର୍ସ ଉପସ୍ଥାପନ କରିବାରେ ମଧ୍ୟ ଏହା ପ୍ରଥମ ଯାହା ବଜାର ଧାରା ଠାରୁ ଆଗରେ ରହିଛି । କେସିପିଏଲ୍ ନିରଂର ଭାବେ ଚିଲର୍ ଶିଳ୍ପରେ ନୂତନ ମାନଦଣ୍ଡ ଧାର୍ଯ୍ୟ କରୁଛି ।ଏହି ଅବସରରେ ଉପସ୍ଥିତ ଥିବା ଶ୍ରୀଯୁକ୍ତ ଅବିନାଶ ମଂଜୁଲ୍, ପରିଚାଳନା ନିର୍ଦ୍ଦେଶକ, କିର୍ଲୋସ୍କର ଚିଲର୍ସ କହିଛନ୍ତି ଯେ, 'ଗ୍ରାହକଙ୍କୁ ଉଲ୍ଲସିତ କରୁଥିବା ଭଳି ବିଶ୍ୱ ସ୍ତରୀୟ ଉତ୍ପାଦର ନିର୍ମାଣ ଜାରି ରଖିବା ଲାଗି କେସିପିଏଲ୍‌ରେ ଆମେ ଗବେଷଣା ଓ ବିକାଶ ଉପରେ ଗୁରୁତ୍ୱାରୋପ କରୁଛୁ । ଏହା ଅତ୍ୟନ୍ତ ଗର୍ବର ବିଷୟ ଯେ କେସିପିଏଲ୍‌ର ଉତ୍ପାଦଗୁଡ଼ିକ ଏସିଆ, ମଧ୍ୟ ପ୍ରାଚ୍ୟ ଏବଂ ଆଫ୍ରିକାରେ ବହୁତ ଭଲ ଭାବେ ଗହଣୀୟ ହୋଇଛି ।'' ସେ ଆହୁରି ମଧ୍ୟ କହିଛନ୍ତି ଯେ 'ଆମେ ଆମ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ବହୁତ ଆଶାବାଦୀ ଏବଂ ଭିତିଭୂମିରେ ଅଭିବୃଦ୍ଧି ଏବଂ ଗ୍ରାହକ ବ୍ୟୟରେ ହେବାକୁ ଯାଉଥିବା ବୃଦ୍ଧି ଆଧାରରେ ୨୦୨୦ ଠାରୁ ଏଚ୍‌ଭିଏସି ଆଣ୍ଡ ଆର୍ ବଜାରରେ ଉତ୍ପାଦ ଓ ସେବାକୁ ନେଇ ଚାହିଦା ବଢ଼ିବ ବୋଲି ଆମେ ଆଶା କରୁଛୁ । ଏକ ନିର୍ମାତା ଭାବେ ଗ୍ରାହକମାନଙ୍କୁ ସର୍ବାଧିକ ମୂଲ୍ୟ ପ୍ରଦାନ କରିବା ଲାଗି ଆମେ ପ୍ରଦାନ କରୁଥିବା ଉତ୍ପାଦ ଓ ସେବାରେ ଇଂଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି) ଭଳି ଉଦୀୟମାନ ପ୍ରଯୁକ୍ତିକୁ ବ୍ୟବହାର କରୁଛୁ । ଆମର ଉତ୍ପାଦନ କ୍ଷମତାକୁ ବଢ଼ାଇବା ଲାଗି ଆମେ ପୁନେର ଏକ ନୂଆ ଷ୍ଟେଟ ଅଫ୍ ଆର୍ଟ ଉତ୍ପାଦନ କାରଖାନାରେ ନିବେଶ କରିଛୁ ଯାହା ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ ହେବାର ଅଛି ।''

## ୫ପୈସା ଡଟ୍ କମ୍ ଯୋଡ଼ିଲା ପ୍ରାୟ ୪ ଲକ୍ଷ କ୍ଲାଏଂଟ୍, ୨୦୨୦

ଭୁବନେଶ୍ୱର: ଦେଶର ଏକ ମାତ୍ର ଅଗ୍ରଣୀ ଡିସ୍‌କାଉଂଟ୍ ବ୍ରୋକର୍ ୫ପୈସା ଡଟ୍ କମ୍ ଏହାର ପ୍ଲାଟଫର୍ମରେ ୪,୦୦,୦୦୦ କ୍ଲାଏଂଟ୍ ଯୋଗ କରିଛି । ଆସନ୍ତା ୨୦୨୦ ଡିସେମ୍ବର ସୁଦ୍ଧା କ୍ଲାଏଂଟ୍ ସଂଖ୍ୟାକୁ ୧୦ ଲକ୍ଷରେ ପହଂଚାଇବାକୁ ଏହି ସଂସ୍ଥା ଲକ୍ଷ୍ୟ ରଖିଛି । ସୁଲଭ ମୂଲ୍ୟର ସେବା ଓ ସୁବିଧା ପ୍ରଦାନ କରୁଥିବାରୁ କଂପାନିର ପ୍ଲାଟଫର୍ମରେ ଅଧିକ କ୍ଲାଏଂଟ୍ ଯୋଡ଼ି ହେଉଛନ୍ତି । ମୋବାଇଲ୍‌ର ବ୍ୟବହାର ବଢ଼ିବା ଏବଂ କ୍ଷୁଦ୍ର ସହରର ନୂଆ ପିଢ଼ିର ଗ୍ରାହକମାନେ ଅଧିକ ମାତ୍ରାରେ ଯୋଡ଼ି ହେଉଥିବାରୁ କଂପାନି ଏହାର କ୍ଲାଏଂଟ୍ ସଂଖ୍ୟା ବଢ଼ାଇପାରିଛି । ତିନି ବର୍ଷର ସଂସ୍ଥା ୫ପୈସା ଡଟ୍ କମ୍ ବ୍ରୋକରେଜ୍ ଫି ଆଦାୟ କରେ ନାହିଁ ଏବଂ ଯେକୌଣସି ମୂଲ୍ୟର କାରବାର ପାଇଁ ଫ୍ଲାଟ୍ ୧୦ ଟଙ୍କାର ଫି' ନେଇଥାଏ । ସେଥିପାଇଁ ଏହା ଦେଶର ସବୁଠୁ ସୁଲଭ ମୂଲ୍ୟର ରିହାତି ବ୍ରୋକର୍ ହୋଇପାରିଛି । ଏକ ସର୍ଭେରୁ ଜଣାପଡ଼ିଛି ଯେ ଅନ୍ୟ ଯେକୌଣସି ପ୍ଲାଟଫର୍ମ ତୁଳନାରେ ୫ପୈସା ଡଟ୍ କମ୍‌ରେ କାରବାର କଲେ ନିବେଶକ ୯୮% ପର୍ଯ୍ୟନ୍ତ ସଂଚୟ କରିପାରୁଛନ୍ତି । "ଆମେ କ୍ଷୁଦ୍ର ସହରରେ ଦ୍ରୁତ ଗତିରେ ଆଗକୁ ବଢୁଛୁ । ଆମର ପ୍ରଯୁକ୍ତି ଭିତିକ ପ୍ଲାଟଫର୍ମ ଓ ସୁଲଭ ମଲ୍ୟ ଦ୍ୱାରା ଗ୍ରାହକମାନେ ଲାଭବାନ ହେଉଛନ୍ତି । ଆମର ୭୦% କ୍ଲାଏଂଟ୍ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରରୁ ଆସିଛନ୍ତି । ଆମେ ଏକ ମୋବାଇଲ୍ ପ୍ଲାଟଫର୍ମ ଭାବେ ଯାତ୍ରା ଆରମ୍ଭ କରିଥିଲୁ ଏବଂ ଆମର ୮୦%ରୁ ଅଧିକ କାରବାର ଓ ରାଜସ୍ୱ ମୋବାଇଲ୍ ପ୍ଲାଟଫର୍ମ ମାଧ୍ୟମରେ ହେଉଛି ବୋଲି ୫ପୈସା ଡଟ୍ କମ୍‌ର ସିଇଓ ପ୍ରକାଶ ଗାଗଦାନି କହିଛନ୍ତି । ଶ୍ରୀଯୁକ୍ତ ଗାଗଦାନି କହିଛନ୍ତି ଯେ, ୫ ପୈସା ଡଟ୍ କମ୍ ଅନ୍ୟ ବଡ଼ ବଡ଼ ବ୍ରୋକରଙ୍କ ଠାରୁ ଆଗକୁ ବଢ଼ିସାରିଲାଣି ଏବଂ କାରବାର ଆରମ୍ଭ କରିବାର ତିନି ବର୍ଷ ଭିତରେ ଫୁଲ ସର୍ଭିସ ଓ ଡିସ୍‌କାଉଂଟ୍ ବ୍ରୋକର୍ ବର୍ଗର ଶ୍ରେଷ୍ଠ ୧୦ ତାଲିକାରେ ସ୍ଥାନ ପାଇଛି । ଜିରୋଧା ପରେ ଏହା ହେଉଛି ଦ୍ୱିତୀୟ ବୃହତ ଡିସ୍‌କାଉଂଟ୍ ବ୍ରୋକର । ୨୦୨୦ ଡିସେମ୍ବର ସୁଦ୍ଧା । ଆମେ ଶ୍ରେଷ୍ଠ ଦୁଇ ବ୍ରୋକରଙ୍କ ମଧ୍ୟରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି । ଅଗଷ୍ଟରେ ଏକ ରାଇଟ୍ ଇସ୍ୟୁ ଜରିଆରେ ୧୧୦ କୋଟି ଟଙ୍କା ହାସଲ କରିବା ପରେ ୫ପୈସା ଡଟ୍ କମ୍ ଦ୍ରୁତ ଗତିରେ ଏହାର ସଂପ୍ରସାରଣ କରିବାକୁ ଚାହୁଁଛି । ମୋବାଇଲ୍ ବ୍ୟବହାର କରୁଥିବା ନୂଆ ପିଢ଼ିର ଗ୍ରାହକଙ୍କ ଉପରେ ୫ପୈସା ଡଟ୍ କମ୍ ଅଧିକ ଧ୍ୟାନ ଦେଉଛି । ଆମର ୮୦% ଗ୍ରାହକ ନୂଆ ପିଢ଼ିରି ଓ ୩୫ ବର୍ଷରୁ କମ୍ ବୟସର । ଫୋନ୍ କଲ୍ ବଦଳରେ ସେମାନେ ମୋବାଇଲ୍ ଆପ୍‌ରେ ସବୁ ସୂଚନା ପାଇବାକୁ ପସନ୍ଦ କରୁଛନ୍ତି ବୋଲି ସେ କହିଛନ୍ତି ।

## କ୍ୟୁଏସ୍ ଇଣ୍ଡିଆ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗରେ ମଣିପାଲ ୨୬ତମ ସ୍ଥାନରେ

ଭୁବନେଶ୍ୱର : ମଣିପାଲ ଏକାଡେମୀ ଅଫ ହାୟର ଏଜୁକେସନ (ଏମ୍‌ଏଏଚ୍‌ଇ) ସଦ୍ୟ ପ୍ରକାଶିତ କ୍ୟୁଏସ୍ ଇଣ୍ଡିଆ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ ୨୦୨୦ ରେ ସମସ୍ତ ବେସରକାରୀ ବିଶ୍ୱବିଦ୍ୟାଳୟ ମାନଙ୍କ ମଧ୍ୟରେ ୩ୟ ସ୍ଥାନ ଏବଂ ଦେଶରେ ସମଗ୍ର ବିଶ୍ୱବିଦ୍ୟାଳୟ ମାନଙ୍କ ମଧ୍ୟରେ ୨୬ତମ ସ୍ଥାନ ପାଇ ଏହାର ପୂର୍ବ ବର୍ଷର ସ୍ଥିତିକୁ ବଜାୟ ରଖିଛି । ଚଳିତ ବର୍ଷ ଦେଶର ୧୦୦ଟି ବିଶ୍ୱବିଦ୍ୟାଳୟ କୁ ର୍‍ୟାଙ୍କ ପ୍ରଦାନ କରାଯାଇଛି । ଗୋଆ ଠାରେ ଅନୁଷ୍ଠିତ କ୍ୟୁଏସ୍ ଇଣ୍ଡିଆ ୨୦୧୯ ସମ୍ମିଳନୀ ରେ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ଡଃ ରମେଶ ପୋଖରିୱାଲ୍ ନିଶାଙ୍କ ମଣିପାଲ ଏକାଡେମୀ ର କୁଳପତି ଡଃ ଏଚ୍ ବିନୋଦ ଭଟ୍ଟ ଙ୍କ ସାର୍ଟିଫିକେଟ ଅଫ ର୍‍ୟାଙ୍କିଙ୍ଗ ପ୍ରଦାନ କରିଥିଲେ । ଏହି ଅବସରରେ ମଣିପାଲ ଏକାଡେମୀର ଗୁଣବତା ନିର୍ଦ୍ଦେଶକ ଡଃ କ୍ରିଷ୍ଟୋଫର ସୁଧାକର ଉପସ୍ଥିତ ଥିଲେ । ଏହି ର୍‍ୟାଙ୍କିଙ୍ଗ ପାଇଁ ବ୍ୟବହାର କରାଯାଇଥିବା ଅନୁସନ୍ଧାନର ଦିଗ ଗୁଡିକର ସାମସ୍ୟ ବିଶ୍ୱ ର୍‍ୟାଙ୍କିଙ୍ଗ ସହ ଅଛି । ଏଗୁଡିକ ମଧ୍ୟରେ ଶିକ୍ଷା କ୍ଷେତ୍ରରେ, ନିଯୁକ୍ତିଦାତାଙ୍କ ଖ୍ୟାତି, ଶିକ୍ଷକ-ବିଦ୍ୟାର୍ଥୀ ଅନୁପାତ ଇତ୍ୟାଦି ଅନ୍ୟତମ । ଏହି ର୍‍ୟାଙ୍କିଙ୍ଗ ରେ ସ୍ଥଳ ବିଶେଷରେ ପ୍ରଦର୍ଶନ ମାପକାଠି ହିସାବରେ ବ୍ୟବହାର କରାଯାଇଛି । ମଣିପାଲ ଏକାଡେମୀ ଏକ ସମ୍ପୂର୍ଣ୍ଣ ବିକଶିତ, ବୃହତ ଏବଂ ଲାଭ ରହିତ ବେସରକାରୀ ବିଶ୍ୱବିଦ୍ୟାଳୟ ଭାବରେ ଆନ୍ତର୍ଜାତୀୟ ଛାତ୍ରଛାତ୍ରୀ କ୍ଷେତ୍ରରେ ୭ ଏବଂ ଶିକ୍ଷକ ବିଦ୍ୟାର୍ଥୀ ଅନୁପାତରେ ୧୨ତମ ସ୍ଥାନ ପାଇଛି ।

## ହେଲୋର ଡେଙ୍ଗୁ ପ୍ରତିରୋଧୀ ଅଭିଯାନକୁ ମିଳିଲା ୧୫୦ ନିୟୁତରୁ ଅଧିକ ଭିଉ

ଭୁବନେଶ୍ୱର: ଭାରତର ଅଗ୍ରଣୀ ସୋସିଆଲ ମିଡିଆ ପ୍ଲାଟଫର୍ମ ହେଲୋ ସଫଳତାର ସହ ଡେଙ୍ଗୁ ପ୍ରତିରୋଧୀ ଅଭିଯାନ ଶେଷ କରିଛି । ଏହି ଅଭିଯାନ ଆରମ୍ଭ ହେବାର ମାତ୍ର ୧୨ ଦିନ ଭିତରେ ଏହାକୁ ୧୫୦ ନିୟୁତରୁ ଅଧିକ ଭିଉ ମିଳିଛି । ହେଲୋ କେୟାର ଅଭିଯାନର ଅଂଶ ସ୍ୱରୂପ ଏହି ଇନ ଆପ ଅଭିଯାନକୁ ଅକ୍ଟୋବର ୧୪ରେ ଆରମ୍ଭ କରାଯାଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଡେଙ୍ଗୁ ଜ୍ୱରକୁ ନେଇ ସଚେତନତା ସୃଷ୍ଟି କରିବା । ଏହି ଅଭିଯାନରେ ହିନ୍ଦୀ, ପାବୀ ସମେତ ସମସ୍ତ ୧୪ଟି ଆଂଚଳିକ ଭାରତୀୟ ଭାଷାରେ ହାସଟ୍ୟାଗ ସୃଷ୍ଟି କରାଯାଇଥିଲା । ସପ୍ତାହକ ଭିତରେ ଏହି ଅଭିଯାନ ୯୦ ନିୟୁତ ଭିଉ ଏବଂ ୬୦୦୦ରୁ ଅଧିକ ପୋଷ୍ଟ ହାସଲ କରିଛି । ଏହି ଅଭିଯାନରେ ହେଲୋ ପକ୍ଷରୁ ଆପ ଭିତରେ ବିଭିନ୍ନ ପ୍ରକାର ବ୍ୟବହାରକାରୀ ସଂଯୋଗୀକରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯଥା ବିବିଧ ପ୍ରଶ୍ନାବଳୀ, ନୋଟିଫିକେସନ, ସ୍ଲାସ ସ୍କ୍ରିନ ଇତ୍ୟାଦି କାର୍ଯ୍ୟକ୍ରମ ଜରିଆରେ ଡେଙ୍ଗୁ ରୋଗ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଉଦ୍ୟମ କରାଯାଇଥିଲା । ଏହା ଦ୍ୱାରା ଡେଙ୍ଗୁକୁ ନେଇ ରହିଥିବା ଅନେକ ମିଥ୍ୟା ବିଶ୍ୱାସ ଦୂର ହୋଇପାରିଛି । ବ୍ୟବହାରକାରୀମାନେ ଏହି ଅଭିଯାନରେ ଅନେକ ଆକର୍ଷଣୀୟ ଭିଡିଓ ପ୍ରସ୍ତୁତ କରି ଅପଲୋଡ କରିଥିଲେ । ବିବିସି ନିଉଜ, ଏନଡିଟିଭି ତାମିଲ ସମେତ ଅନେକ ଖବର ଚ୍ୟାନେଲ ଏବଂ ବିଶିଷ୍ଟ ସେଲିବ୍ରିଟି ରିଥ୍ୱିକା ବଶୀର ବଶି ମଧ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ । ଏ ସମ୍ପର୍କରେ ହେଲୋର କନଟେଂଟ ଅପରେସନ ମୁଖ୍ୟ ଶ୍ୟାମାଙ୍ଗ ବରୋଆହ କହିଛନ୍ତି ଯେ, 'ବ୍ୟବହାରକାରୀ ଏବଂ ସେମାନଙ୍କ ପ୍ରିୟଜନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ହେଲୋ ଏହାର ହେଲୋ କେୟାର ପ୍ରୋଜେକ୍ଟ ଅଧୀନରେ ଗ୍ରହଣ କରିଥିବା ଅନେକ ଅଭିଯାନ ମଧ୍ୟରୁ ଡେଙ୍ଗୁ ପ୍ରତିରୋଧୀ ଅଭିଯାନ ହେଉଛି ଅନ୍ୟତମ ।ଆମେ ଆମର ୫୦ ନିୟୁତ ମାସିକ ସକ୍ରିୟ ଗ୍ରାହକଙ୍କ ସମାଜ ପ୍ରତି ପ୍ରତିବଦ୍ଧ ଏବଂ ସେମାନଙ୍କ ଜୀବନରେ ବହୁମୁଲ୍ୟ ଯୋଗ କରିବା ଲାଗି ଜ୍ଞାନ-ବାଂଟିବା ଭିତିକ ଅଭିଯାନ ଜାରି ରଖିବୁ ।'' ହେଲୋରେ ମାସିକ ୫୦ ନିୟୁତ ସକ୍ରିୟ ଗ୍ରାହକ ରହିଛନ୍ତି । ହେଲୋକୁ ଭାରତୀୟ ମୋବାଇଲ ବ୍ୟବହାରକାରୀଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ଯେଉଁମାନେ ନିଜ ଭାଷାରେ ଭାବ ପ୍ରକାଶ କରିବାକୁ ଭଲ ପାଆନ୍ତି ।ଆଇଓଏସ ଓ ଗୁଗୁଲ ପ୍ଲେ ଷ୍ଟୋରରୁ ହେଲୋ ଆପକୁ ଡାଉନଲୋଡ କରାଯାଇପାରିବ ।

## ହୃଦ୍‌ରୋଗର ନିରାକରଣ ପାଇଁ ବ୍ୟାପକ ସଚେତନତା ଲୋଡା : ଡାକ୍ତର ସାହୁ

ଭୁବନେଶ୍ୱର : ସମଗ୍ର ଭାରତ ବର୍ଷରେ ଏବେ ବିଭିନ୍ନ କାରଣରୁ ଅନ୍ୟରୋଗୀଙ୍କ ଅପେକ୍ଷା ହୃଦ୍‌ରୋଗୀଙ୍କ ସଂଖ୍ୟା ଅଧିକ ଥିବା ଏକ ସର୍ଭେକ୍ଷଣରୁ ଜଣାପଡିଛି । ଏପରିକି ବିଶ୍ୱସ୍ତରରେ ବାର୍ଷିକ ପ୍ରାୟତଃ ୧୭.୯ ଲକ୍ଷ ଲୋକ ହୃଦ୍‌ଘାତରେ ମୃତ୍ୟୁବରଣ କରୁଛନ୍ତି । ୨୦୩୦ ମସିହା ବେଳକୁ ଏହି ସଂଖ୍ୟା ୨୭ଲକ୍ଷରେ ପହଞ୍ଚିପାରେ ବୋଲି ଆକଳନ କରାଯାଉଛି । ବ୍ୟାପକ ସଚେତନତା ସୃଷ୍ଟି ହେଲେ ଏହି ରୋଗର ନିରାକରଣ କିଛିମାତ୍ରାରେ ସମ୍ଭବ ହୋଇପାରିବ ବୋଲି ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ତଥା ଡାକ୍ତର ପ୍ରଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି । ଡା. ସାହୁ କହିଛନ୍ତି ଯେ, ହୃଦ୍‌ଘାତର ନିବାରଣ ଏବଂ ଲୋକଙ୍କୁ ହୃଦ୍‌ଜନିତ ରୋଗରୁ ଦୂରେଇ ରଖିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ସେପ୍ଟେମ୍ବର ୨୯ତାରିଖରେ ବିଶ୍ୱ ହୃଦୟ ଦିବସ ପାଳନ କରାଯାଏ । ବିଶ୍ୱ ହୃଦୟ ସଂଘ ପକ୍ଷରୁ ପ୍ରତିବର୍ଷ ନୂଆ ନୂଆ ଥିମ୍ ମଧ ରଖାଯାଏ । ଏବର୍ଷ ହୃଦୟରେ ହିରୋ ହେବାକୁ ପ୍ରତ୍ୟେକ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି । କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଦେଲେ ଯେ କୌଣସି ବ୍ୟକ୍ତି ବି ହୃଦୟର ହିରୋ ହୋଇପାରିବ । ହୃଦ୍‌ଘାତର ଲକ୍ଷଣକୁ ଚିହ୍ନଟ କରି ପ୍ରଥମେ ଏହାର ନିରାକରଣ ପ୍ରତି ଧ୍ୟାନ ଦେଲେ ନିଶ୍ଚିତ ଭାବେ ଜୀବନ ବଞ୍ଚିଯିବ । ପ୍ରଥମତଃ ମଦ୍ୟପାନ ଓ ଧୂମ୍ରପାନଠାରୁ ଦୂରେଇ ରହି ନିୟମିତ ବ୍ୟାୟାମ କରିବା ଏବଂ ଠିକ୍ ସମୟରେ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ହୃଦ୍‌ରୋଗ ହୋଇନଥାଏ । ଖାଦ୍ୟ ଅପମିଶ୍ରଣ ରୋକାଗଲେ ଏବଂ ପରିବେଶକୁ ପ୍ରଦୂଷଣମୁକ୍ତ ରଖାଗଲେ ଅନେକାଂଶରେ ଏହି ହୃଦ୍‌ରୋଗ ବ୍ୟାପିନଥାଏ ।

## ୩୦ ଯୁବ ଉଦ୍ୟୋଗୀ ଏବଂ ୬ଟି ସଂସ୍ଥା ପାଇଲେ ଜାତୀୟ ଉଦ୍ୟମୀତା ପୁରସ୍କାର-୨୦୧୯



ଭୁବନେଶ୍ୱର : ଦେଶରେ ଉଦ୍ୟମୀତା ବିକାଶ ନିମନ୍ତେ କୌଶଳ ବିକାଶ ଏବଂ ଉଦ୍ୟମୀତା ମନ୍ତ୍ରାଳୟ ପକ୍ଷରୁ ୩୦ଜଣ ଯୁବ ଉଦ୍ୟୋଗୀ ଏବଂ ୬ଟି ସଂସ୍ଥାକୁ ଜାତୀୟ ଉଦ୍ୟମୀତା ପୁରସ୍କାରର ୪ର୍ଥ ସଂସ୍କରଣ ରେ ପୁରସ୍କୃତ କରାଯାଇଛି । ଏହି ସମାରୋହ ନୂଆଦିଲ୍ଲୀ ସ୍ଥିତ ପ୍ରବାସୀ ଭାରତୀୟ କେନ୍ଦ୍ର ଠାରେ ଅୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୌଶଳ ବିକାଶ ଏବଂ ଉଦ୍ୟମୀତା ମନ୍ତ୍ରୀ ଡଃ ମହେନ୍ଦ୍ର ନାଥ ପାଣ୍ଡେ ଯୋଗଦେଇଥିଲେ । ଚଳିତ ବର୍ଷ ଆବେଦନକାରୀଙ୍କ ସଂଖ୍ୟା ପୁର୍ବ ବର୍ଷ ମାନଙ୍କ ତୁଳନାରେ ବହୁତ ଅଧିକା ଥିଲା । ତୃଣମୁଳ ସ୍ତରରେ କର୍ମଶାଳା, ଏମଏସଏମଇ ଭଳି ସମାବେଶ ବିଜ୍‌ନେସ ସ୍କୁଲ ମାନଙ୍କରେ ସେମିନାର, ଉଦ୍ୟୋଗୀ ମାନଙ୍କ ସହ ସିଧା ସଳଖ ବାର୍ତାଳପ, ପ୍ରଦର୍ଶନୀ ଇତ୍ୟାଦି ପ୍ରୟାସ ନିଆଯାଇଥିଲା । ଏ ସବୁର ସାମୁହିକ ଫଳ ଭାବରେ ଚଳିତ ବର୍ଷ ଆବେଦନକାରୀଙ୍କ ସଂଖ୍ୟା ୪୧୩୪ ଥିଲା ଯାହା ଗତବର୍ଷ ମାତ୍ର ୨୩୭୯ ଥିଲା । ଏହା ଉଦ୍ୟୋଗୀ ମାନଙ୍କର ଜାତୀୟ ଉଦ୍ୟମୀତା ପୁରସ୍କାର ପାଇଁ ଆଗ୍ରହ ଓ ଗମ୍ଭିରତା ଦର୍ଶାଉଛି । ଭାରତରେ ଉଦ୍ୟମୀତା ବିକାଶର ସଂସ୍କୃତି ଉପରେ ମନ୍ତବ୍ୟ ଦେଇ ଡଃ ମହେନ୍ଦ୍ର ନାଥ ପାଣ୍ଡେ କହିଛନ୍ତି, 'ଷ୍ଟାର୍ଟଅପ ବିପ୍ଲବର ଦ୍ୱାର ଦେଶରେ ଭାରତ ଛିଡା ହୋଇଛି । ଆମେ ସାରା ବିଶ୍ୱର ସବୁଠାରୁ ଦୃତ ଷ୍ଟାର୍ଟଅପ ବିକାଶ କ୍ଷେତ୍ରରେ ୩ୟ ସ୍ଥାନରେ ଅଛୁ । ୨୦୧୮ ମସିହାରେ ୭୨୦୦ ଷ୍ଟାର୍ଟଅପ ସହ ଭାରତ ୧୧୮୬୪ ଷ୍ଟାର୍ଟଅପ ଥିବା ୟୁକେ ଏବଂ ୪୧୫୦୦ ଷ୍ଟାର୍ଟଅପ ଥିବା ୟୁଏସଏ ପଛରେ ତୃତୀୟ ସ୍ଥାନରେ ଅଛି ।'ସେ କହିଥିଲେ, 'ଜାତୀୟ ଉଦ୍ୟମୀତା ପୁରସ୍କାର ଯୁବ ଉଦ୍ୟୋଗୀ ମାନଙ୍କୁ ଆକର୍ଷିତ କରି ସେମାନଙ୍କର ଅସାଧାରଣ ପ୍ରତିଭାକୁ ସାମ୍ନାକୁ ଆଣିବାରେ ଏବଂ ଦେଶ ଗଠନରେ ସାହାର୍ଯ୍ୟ କରିବ ।'ଏହି ପୁରସ୍କାର ପାଇଁ କୌଶଳ ବିକାଶ ଏବଂ ଉଦ୍ୟମୀତା ମନ୍ତ୍ରାଳୟ ୧୨ଟି ଜାତୀୟ ଅନୁଷ୍ଠାନ ଯଥା ଆଇଆଇଟି ମାଡ୍ରାସ, ଆଇଆଇଟି ଦିଲ୍ଲୀ, ଆଇଆଇଟି କାନପୁର, ଏକ୍ସଏଲଆରଆଇ, ଟିଆଇଏସଏସ, ଏନଏସଆଇସି, ଆଇଆଇଟି ଗୌହାଟି, ଆଇଆରଏମଏ, ଏମଏଏନଏଜିଇ, ଏନଆଇଏଫ, ଏନଏବିଏଆର୍‌ଡି ଏବଂ ଆରଏସଇଟିଆଇ ସହ ସହବନ୍ଧିତ ଥିଲେ । ଏହି ସଂସ୍ଥା ମାନଙ୍କୁ ନୋମିନେସନ ଦାୟୀତ୍ୱ ଦିଆଯାଇଥିଲା । ବିଜେତା ମାନଙ୍କୁ ଚୟନ ପାଇଁ ବିଚାରକ ମଣ୍ଡଳିରେ ଡଃ ଆର.ଏ ମାସଲେକର ପୁର୍ବତନ ସିଏସଆଇଆର ନିର୍ଦ୍ଦେଶକ, ଶ୍ରୀ ମିଲିନ୍ଦ କାମ୍ବଲି ଡିଆଇସିଆଇ ର ପ୍ରତିଷ୍ଠାତା ନିଲମ ଛିବର, ଇଣ୍ଡଷ୍ଟ୍ରି ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶ ଅରୁଣ ତ୍ୟାଗୀ, ଇଣ୍ଡସଇଣ୍ଡ ବ୍ୟାଙ୍କର ନିର୍ଦ୍ଦେଶକ ଶ୍ରୀ ହରିଶ ହାଣ୍ଡେ, ଏସଇଏଲସିଓ ଇଣ୍ଡିଆ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଭେନଚ୍ୟୁର କାଟାଲିଷ୍ଟର ପରିଚାଳନା ଅଂଶୀଦାର ବିନାୟକ ନାଥ ଆଦି କାର୍ଯ୍ୟ କରିଥିଲେ । ଜାତୀୟ ଉଦ୍ୟମୀତା ପୁରସ୍କାର (ଏନଇଏ) ସମ୍ବନ୍ଧରେ କୌଶଳ ବିକାଶ ଓ ଉଦ୍ୟମୀତା ମନ୍ତ୍ରାଳୟ ପକ୍ଷରୁ ୨୦୧୬ ମସିହାରେ ଭାରତରେ ଉଦ୍ୟୋଗୀକରଣ ବିକାଶ ଓ ଯୁବ ଉଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହନ ନିମନ୍ତେ ଜାତୀୟ ଉଦ୍ୟମୀତା ପୁରସ୍କାର ଆରମ୍ଭ କରାଯାଇଥିଲା । ପ୍ରଥମ ପିଢି ଉଦ୍ୟୋଗୀ ମାନଙ୍କ ପାଇଁ ଏହି ପୁରସ୍କାର ଉଦ୍ଦିଷ୍ଟ । ୨୦୧୯ ମସିହାରେ ଏହି ପୁରସ୍କାରର ୪ର୍ଥ ସଂସ୍କରଣର ଆୟୋଜନ କରାଯାଇଥିଲା ।

## ନୂତନ ୱାନ୍ ପ୍ଲସ୍ ୭ଟି ସ୍ମାର୍ଟଫୋନ୍ ଓ ୱାନ୍‌ପ୍ଲସ୍ ଟିଭିର ଶୁଭାରମ୍ଭ

ଭୁବନେଶ୍ୱର: ବିଶ୍ୱସ୍ତରୀୟ ଜ୍ଞାନକୌଶଳ ବ୍ରାଣ୍ଡ ୱାନ୍ ପ୍ଲସ୍ ପକ୍ଷରୁ ଏହାର ନୂତନ ଓ ଉନ୍ନତ ଭାବେ ଆଦୃତ ହୋଇଥିବା ୱାନ୍ ପ୍ଲସ୍ ୭ଟି ଏବଂ ନୂଆ ଦିଲ୍ଲୀଠାରେ କମ୍ପାନୀର ପ୍ରଥମ ଶୁଭାରମ୍ଭ ହୋଇଥିବା ସ୍ମାର୍ଟ ଟିଭି- ଦି ୱାନ୍ ପ୍ଲସ୍ ଟିଭିର ଶୁଭାରମ୍ଭ କରାଯାଇଛି । ୱାନ୍ ପ୍ଲସ୍ ୭ଟି ଗ୍ଲେସିଅର୍ ବ୍ଲୁ (୮ + ୧୨୮)ର ମୂଲ୍ୟ ମାତ୍ର ୩୭,୯୯୯ ଟଙ୍କା, ୱାନ୍ ପ୍ଲସ୍ ୭ଟି ଗ୍ଲେସିଅର୍ ବ୍ଲୁ (୮ + ୨୫୬)ର ମୂଲ୍ୟ ମାତ୍ର ୩୯,୯୯୯ ଟଙ୍କା ରଖାଯାଇଥିବାବେଳେ ୱାନ୍ ପ୍ଲସ୍ ୭ଟି ଫୋର୍ଷ୍ଟେଡ଼ ସିଲ୍‌ଭର୍ (୮ + ୧୨୮)ର ମୂଲ୍ୟ ମାତ୍ର ୩୭,୯୯୯ ଟଙ୍କା ରହିଛି । ସେହିପରି ୱାନ୍ ପ୍ଲସ୍ ଟିଭି ୫୫କ୍ୟୁ୧ ପ୍ରୋର ମୂଲ୍ୟ ମାତ୍ର ୯୯,୯୦୦ ଟଙ୍କା, ୱାନ୍ ପ୍ଲସ୍ ଟିଭି ୫୫କ୍ୟୁ୧ର ମୂଲ୍ୟ ମାତ୍ର ୬୯,୯୦୦ ଟଙ୍କା ଓ ବୁଲେଟ୍ସ ଓୟାର୍‌ଲେସ୍ ୨ (ଓଲିଭ୍ ଗ୍ରିନ୍)ର ମୂଲ୍ୟ ମାତ୍ର ୫,୯୯୦ ଟଙ୍କା ରହିଛି । ଏହି ପରିପ୍ରେକ୍ଷୀରେ ୱାନ୍ ପ୍ଲସ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ପେଟେ ଲାଉ କହିଛନ୍ତି ଯେ, 'ୱାନ୍ ପ୍ଲସ୍ ସବୁବେଳେ ଏହାର ଗ୍ରାହକଙ୍କୁ ସର୍ବୋତ୍ତମ ଜ୍ଞାନକୌଶଳ ସହିତ ଦୃତ ଓ କୋମଳ ଅନୁଭୂତି ପ୍ରଦାନ କରିବା ନିମର୍ତେ ଚେଷ୍ଟା କରୁଛି । ୱାନ୍ ପ୍ଲସ୍ ୭ଟି ହେଉଛି ଷ୍ଟାଇଲ୍ ଓ ସବ୍‌ଷ୍ଟାନ୍ସର ଏକ ସମ୍ମିଶ୍ରଣ, ଯାହା ଇଣ୍ଡଷ୍ଟ୍ରିର ଅଗ୍ରଣୀ ଜ୍ଞାନକୌଶଳରେ ନିର୍ମିତ ଅତ୍ୟ' କୋମଳ ୯୦ ହର୍ଜ ଡିସ୍‌ପ୍ଲେ ଏବଂ ଏକ ନୂତନ ଟ୍ରିପିଲ୍-କ୍ୟାମେରା ସେଟ୍‌ଅପ୍ ସହିତ ଏକ ଅତୁଳନୀୟ ବ୍ୟବହାରକାରୀ ଅନୁଭୂତି ପ୍ରଦାନ କରୁଛି ।' ଗ୍ରାହକମାନେ ବାଙ୍ଗାଲୋର, ମୁମ୍ବାଇ, ଦିଲ୍ଲୀ, ହାଇଦ୍ରାବାଦ, ଚେନ୍ନାଇ, ପୁନେ, କଲିକତା ଓ ଅହମ୍ମଦାବାଦରେ ପପ୍-ଅପ୍‌ମାନଙ୍କରେ ୨୭ ସେପ୍ଟେମ୍ବର ୨୦୧୯ ଅପରାହ୍ନ ୨ଟାରୁ ୱାନ୍ ପ୍ଲସ୍ ୭ଟି କିଣିବାରେ ଓ ୱାନ୍ ପ୍ଲସ୍ ଟିଭି ଅନୁଭୂତି ପାଇବାରେ ସକ୍ଷମ ହେବେ । ଉଭୟ ୱାନ୍ ପ୍ଲସ୍ ଟିଭି ଓ ୱାନ୍ ପ୍ଲସ୍ ୭ଟିର ବିକ୍ରି ୨୮ ସେପ୍ଟେମ୍ବର ୨୦୧୯ରୁ ଆରମ୍ଭ ହୋଇଛି । ଆମାଜନ୍.ଇନ୍‌ରେ ପ୍ରାଇମ୍ ୟାର୍ଲି ଆସେସ୍ ସେଲ୍ ଓ ୱାନ୍‌ପ୍ଲସ୍.ଇନ୍‌ରେ ବିକ୍ରି ୨୮ ସେପ୍ଟେମ୍ବର ୨୦୧୯ ମଧ୍ୟାହ୍ନ ୧୨ଟରେ ଆରମ୍ଭ ହୋଇଛି ।

## ହାୟର ପକ୍ଷରୁ ନୂତନ ୫-ଇନ-ୱାନ ରେଫ୍ରିଜେରେଟ ସିରିଜର ବଜାର ପ୍ରବେଶ

ଭୁବନେଶ୍ୱର: ଗୃହ ଉପକରଣ ଏବଂ ଉପଭୋକ୍ତା ଇଲେକ୍ଟ୍ରୋନିକ କ୍ଷେତ୍ରରେ କ୍ରମାଗତ ୧୦ ବର୍ଷଧରି ବିଶ୍ୱରେ ପ୍ରଥମ ସ୍ଥାନରେ ରହି ଆସୁଥିବା ଅଗ୍ରଣୀ ବ୍ରାଣ୍ଡ ହାୟର, ଏହାର ନୂତନ ଏଚଆରଏଫ-୨୭୮ ସିରିଜର ଶୁଭାରମ୍ଭ ସହ ନିଜର କନଭର୍ଟେବଲ ରେଫ୍ରିଜେରେଟର ଶୃଙ୍ଖଳକୁ ସଂପ୍ରସାରିତ କରିଛି । ଏହି ନୂତନ ଦୁଇଟି ସଂସ୍କରଣ ଯଥା-ଏଚଆରଏଫ-୨୭୮୩ସିକେବି-ଇ ଏବଂ ଏଚଆରଏଫ-୨୭୮୩ସିଆରବି-ଇ ହାୟରର ଅଭିନବ ଟ୍ୱିନ ଏନର୍ଜି ସେଭିଙ୍ଗ କୌଶଳରେ ସମୃଦ୍ଧ ଯାହାକି ସେଭିଙ୍ଗ ମୋଡ଼ରେ ୧୫% ପର୍ଯ୍ୟ' ଶକ୍ତି ସଂରକ୍ଷଣ କରୁଥିବା ବେଳେ କନଭର୍ଟେବଲ ମୋଡ଼ରେ ୩୦% ପର୍ଯ୍ୟ' ଶକ୍ତି ସଂରକ୍ଷଣ କରିଥାଏ । ଏହି ଭବିଷ୍ୟଧର୍ମୀ ଟପ ମାଉଣ୍ଟେଡ୍ ରେଫ୍ରିଜେରେଟର ଗୁଡ଼ିକ ଫ୍ରିଜରକୁ ଫ୍ରିଜରେ ପରିବର୍ତ୍ତିତ କରିଥାଏ ଏବଂ ଏଥିରେ ଥିବା ୫ଟି କନଭର୍ଟେବଲ ବିକଳ୍ପ ସହ ମାତ୍ର ୫୦ ମିନିଟ ମଧ୍ୟରେ ପୁନର୍ବାର ଫ୍ରିଜର ଅବସ୍ଥାକୁ ଫେରିଆସେ । ଏହା ବ୍ୟତୀତ ଏହି ଉନ୍ନତ ରେଫ୍ରିଜେରେଟର ଗୁଡ଼ିକରେ ଥିବା ଟର୍ବୋ ଆଇସିଙ୍ଗ ବୈଶିଷ୍ଟ୍ୟ ୨୦୦ ଗୁଣା ଦ୍ରୁତ ବେଗରେ ମାତ୍ର ୪୯ ମିନିଟରେ ବରଫ କରିପାରେ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray